# କ୍ରେସ୍ (ଶିଶୁଗୃହ) ପରିଚାଳନା ପାଇଁ ଉଦ୍ଦିଷ୍ଟ ନିୟମାବଳୀ ଏବଂ ମାର୍ଗ ଦର୍ଶିକା

Action Against Malnutrition
AAM

**ଅପପୃଷ୍ଟି ନିରାକରଣ କାର୍ଯ୍ୟକ୍ରମ**

ପବ୍ଲିକ୍ ହେଲ୍ଥ ରିସୋର୍ସ ସୋସାଇଟ୍, ଏକ୍ଜୁଟ୍, ଚାଇଲ୍ଡ ଇନ୍ ନିଡ୍ ଇନିଷ୍ଟିଚ୍ୟୁଟ୍, ଚଉପାଲ
ଗ୍ରାମୀଣ ବିକାଶ ପ୍ରତିଷ୍ଠାନ ଏବଂ ସ୍ୱଚ୍ଛ ସଂସ୍ଥାନ ତଥା ଇନଷ୍ଟିଚ୍ୟୁଟ୍ ଫର ଡେଭଲପ୍ମେ□
ଏଜୁକେସନ ଆଣ୍ଡ୍ ଆକ୍ସନ **(IDEA)** ର ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ
ସହାୟତା:- ଜାମ୍ସେଟ୍ଜୀ ଟାଟା ଟ୍ରଷ୍ଟ

**ପ୍ରକଳ୍ପ ପରିଚାଳନା ନିର୍ଦ୍ଦେଶାଳୟ**
ପବ୍ଲିକ୍ ହେଲଥ ରିସୋର୍ସ ସୋସାଇଟି
ଜି- ୪୯, ଗ୍ରୀନପାର୍କ ମେନ୍, ନୂଆଦିଲ୍ଲୀ-୧୧୦୦୧୬
ଦୂରଭାଷ-୦୧୧-୪୦୫୬୦୯୧୧
ଇମେଲ-**delhi@phrnindia.org**
ଅନୁବନ୍ଧିତ କାର୍ଯ୍ୟାଳୟ ଠିକଣା- ସି-୧୪, ଗ୍ରାଉଣ୍ଡ୍ ଫ୍ଲୋର, ହଜ୍ଖସ୍, ନୂଆଦିଲ୍ଲୀ-୧୧୦୦୧୬

**ପ୍ରଥମ ପ୍ରକାଶନ :** ଅକ୍ଟୋବର ୨୦୧୪, ନୂଆଦିଲ୍ଲୀ

**ବୈଷୟିକ ସହାୟତା :**

ଡାକ୍ତର ବନ୍ଦନା ପ୍ରସାଦ, ଡଃ ଦୀପା ସିହ୍ନା

**ପ୍ରସ୍ତୁତି କ□ା :**

ଡଃ ଗଣପତି ମୁରୁଗାନ, ଶ୍ରୀମତୀ ସୋମା ସେନ୍, ଶ୍ରୀଯୁକ୍ତ ଅଜୟ କୁମାର ରଣ୍ଡ୍ୱାରିଆ

**କୃତଜ୍ଞତା :**

ଏହି ପୁସ୍ତକଟିର ପ୍ରକାଶନ ପାଇଁ ଆମ୍ (AAM) ପରାମର୍ଶଦାତା କମିଟିର ସମସ୍ତ ସଭ୍ୟସଭ୍ୟାମାନଙ୍କୁ ଆମ୍ କନସୋର୍ଟିୟମ୍ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରାଯାଉଛି ।

ପରାମର୍ଶଦାତା କମିଟିର ସଭ୍ୟ / ସଭ୍ୟାମାନେ ଏହି ପୁସ୍ତକଟିକୁ ପ୍ରସ୍ତୁତ କରିବା ପାଇଁ ଅନେକଗୁଡ଼ିଏ ଉପାଦେୟ ତଥା ମୂଲ୍ୟବାନ ମତାମତ ଦେଇ ଏହାକୁ ରୁଦ୍ଧିମନ୍ତ କରିଛନ୍ତି ।

ବିଶେଷଭାବେ ଏଥିରେ ଥିବା ନିୟମାବଳୀଗୁଡ଼ିକୁ ଭଲଭାବେ ତର୍ଜମା କରିବା ସହ ଅନେକଗୁଡ଼ିଏ ମୂଲ୍ୟବାନ ମତାମତ ଦେଇଥିବାରୁ ଡାକ୍ତର ରମଣୀ ଆଟ୍‌କୁରୀଙ୍କୁ ଆମ (AAM) କନସୋର୍ଟିୟମ୍ ତରଫରୁ ବିଶେଷ କୃତଜ୍ଞତା ଜ୍ଞାପନ କରାଯାଉଛି ।

ପୁନଶ୍ଚ ଏହାକୁ ପ୍ରକାଶ କରିବା ପାଇଁ ଜାମ୍‌ସେଦ୍‌ଜୀ ଟାଟା ଟ୍ରଷ୍ଟ ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ଧନ୍ୟବାଦ କରାଯାଉଛି ।

**ସ□ୱରକ୍ଷା :** ଆମ୍ କନସୋର୍ଟିୟମ୍

ଉକ୍ତ ପୁସ୍ତକର ଯେ କୌଣସି ଅଂଶକୁ ଯେ କୌଣସି ବ୍ୟକ୍ତି ଆମ୍ (AAM) କନସୋର୍ଟିୟମ୍‌ର ଅନୁମତି କ୍ରମେ ବ୍ୟବହାର କରିପାରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ।

**ଡିଜାଇନ୍ ଓ ମୁଦ୍ରଣ :**

ପବ୍ଲିକ୍ ହେଲଥ୍ ରିସୋର୍ସ ସୋସାଇଟ୍-ନୂଆଦିଲ୍ଲୀ

ଠିକଣା : ପବ୍ଲିକ୍ ହେଲଥ୍ ରିସୋର୍ସ ସୋସାଇଟ୍, ଜ-୪୬, ଗ୍ରୀନପାର୍କମେନ୍, ନୂଆଦିଲ୍ଲୀ-୧୧୦୦୧୬, ଟେଲିଫୋନ୍ : ୦୧୧-୪୦୫୬୦୯୧୧, ଇମେଲ୍ : delhi@phrnindia.org

# ମୁଖବନ୍ଧ

ଗୋଷ୍ଠୀ ଭି□କ କୁ-ପୋଷଣ ଦୂରୀକରଣ କାର୍ଯ୍ୟକ୍ରମକୁ କିଭଳି ସୁଚାରୁ ରୂପେ ସଂଯୋଜନ କରାଯାଇ ପାରିବ ସେଥିପାଇଁ ଅନେକ ଗୁଡ଼ିଏ ନିୟମକୁ ପାଳନ କରିବା ଅତ୍ୟନ୍ତ ଜରୁରୀ । ଏହି ନିୟମ ଗୁଡ଼ିକ ଅନେକ ବିଶେଷଜ୍ଞମାନଙ୍କୁ ନେଇ ପ୍ରଣୟନ କରାଯାଇଛି ।

ପୁଷ୍ଟିହୀନତା ଦୂରୀକରଣ କାର୍ଯ୍ୟକ୍ରମ (AAM-Action Against Malnutrition) କୁ ଜାତୀୟ ସ୍ତରରେ ପରିଚାଳନା କରିବା ପାଇଁ ଗଠିତ ମେ□ ବା କନ୍‌ସୋର୍ଟିୟମ୍ ଏହି ସବୁ ନିୟମକୁ ଉପସ୍ଥାପନ କରିଥିବାରୁ ଅନେକ ମାତ୍ରାରେ ଗର୍ବିତ । ଆଶା ଯେ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ତରରେ ଗଢ଼ାଯାଇଥିବା କ୍ରେସସ୍ ବା ଶିଶୁଗୃହ ଏସବୁ ନିୟମକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବେ ।

ଏହି ସବୁ ନିୟମଗୁଡ଼ିକୁ ପ୍ରଣୟନ କରିବାରେ ଆମକୁ ନିମ୍ନୋକ୍ତ ଜିନିଷ ଗୁଡ଼ିକ ଅନେକ ମାତ୍ରାରେ ସାହାଯ୍ୟ କରିଛନ୍ତି । ସେଗୁଡିକ ହେଲେ :

-ମୌଳିକ ତ□ ବିଷୟରେ ସାମୂହିକ ବୁଝାମଣା

-ସରକାରୀ ଏବଂ ବେସରକାରୀ ସ୍ତରରେ ପୃଷ୍ଟୀହୀନତା ଦୂରୀକରଣ ପାଇଁ ଚାଲିଥିବା କାର୍ଯ୍ୟକ୍ରମରେ ବ□ମାନ ପ୍ରଚଳିତ ହୋଇଥିବା ନିୟମ ଏବଂ ନିର୍ଦ୍ଦେଶାବଳୀ

-ଏବଂ ସର୍ବୋପରି ଆମ୍ଭମାନଙ୍କର କ୍ଷେତ୍ରୀୟ ଅଭିଜ୍ଞତା

ଏହି ସବୁ ନିୟମ ଗୁଡ଼ିକର ପ୍ରଚଳନ ତଥା ଅନୁସରଣ ହେବା ପରେ, ଏହାକୁ ଆହୁରି ସରଳୀକରଣ କରାଯାଇଛି । ଆମେ ସମସ୍ତେ ଜାଣିଛେ ଯେ ଆମ୍ (AAM) ସହାୟତାରେ କ୍ରେସ୍‌ଗୁଡ଼ିକ ବସ୍ତୁତଃ ଗାଁ ମାନଙ୍କରେ ଅବସ୍ଥାନ କରୁଥିବା ଜଣେ ଜଣେ ମହିଳା କର୍ମୀମାନଙ୍କୁ ଆଖି ଆଗରେ ରଖି ଏବଂ ନିଜର ଦକ୍ଷତାକୁ ଆକଳନ କରି ଏହି ନିୟମକୁ ଆହୁରି ମଜବୁତ୍ କରାଯାଇଛି ଏବଂ ସେହିଭଳି ଭାବେ ଅନୁସରଣ କରାଯାଉଛି । ଉପରୋକ୍ତ ଦୁଇଟି ବିଷୟର ସଂଯୋଗ ଆମକୁ ପୃଷ୍ଟୀହୀନତାକୁ ଚିହ୍ନଟ କରିବା ଏବଂ ଦୁର କରିବାରେ ଯଥେଷ୍ଟ ସହାୟକ ହେବା ସହ ବିକେନ୍ଦ୍ରିକରଣ, ନମନିୟତା ଏବଂ ବାସ୍ତବ ଜନଭାଗୀଦାରୀ ଭଳି ଜିନିଷକୁ ପ୍ରୋତ୍ସାହିତ କରିଥାଏ ।

ଆମ୍ଭେମାନେ ବିଶ୍ୱାସ କରୁ ଯେ ଅଭିବୃଦ୍ଧିର 'ବଢ଼ିବା ଏବଂ କମିବା' ପ୍ରକ୍ରିୟା ................

ଡାକ୍ତର ବନ୍ଦନା ପ୍ରସାଦ

ଏମ୍.ବି.ବି.ଏସ୍, ଏମ୍.ଆର୍.ସି.ପି. (ପିଡ଼ିଆଟ୍ରିକ୍ସ) ୟୁ.କେ, ଏମ୍.ପି.ଏଚ୍

ବୈଷୟିକ ପରାମର୍ଶଦାତା, ପ୍ରକଳ୍ପ ପରିଚାଳନା ବିଭାଗ, ଆମ୍ (AAM)

# ସୂଚୀପତ୍ର


୧.	ମୁଖବନ୍ଧ

୨.	ପୁଷ୍ଟିହୀନତା ନିରାକରଣ କାର୍ଯ୍ୟକ୍ରମ

୩.	ଶିଶୁର କ୍ରେସ୍‌ରେ ନାମ ଲେଖା ପାଇଁ ନିୟମାବଳୀ ()

୪.	ଉପସ୍ଥାନ ଖାତା

୫.	ଶିଶୁର ସ୍ୱାସ୍ଥ୍ୟ କାର୍ଡ଼/ ପତ୍ରିକା

୬.	ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ଫର୍ମ

୭.	ଖାଦ୍ୟ ସାରଣୀ

୮.	ଅଭିବୃଦ୍ଧିର କମ୍ ବୃଦ୍ଧିକୁ ପରକ୍ଷିବା ପାଇଁ ମାର୍ଗଦର୍ଶିକା

୯.	ଅଭିବୃଦ୍ଧିର କମ୍-ବୃଦ୍ଧି ସକାସେ ନିୟମାବଳୀ

୧୦.	ଅତି ଦୁର୍ବଳ ଶିଶୁ ପାଇଁ ନିୟମାବଳୀ

୧୧.	ଅତ୍ୟନ୍ତ କମ୍ ଉଚ୍ଚତା ଶିଶୁ ସକାସେ ନିୟମାବଳୀ

୧୨.	ଚିକିତ୍ସା ପାଇଁ ରେଫ୍‌ରାଲ ସଂକ୍ରାନ୍ତ ନିୟମାବଳୀ

୧୩.	ଲାଲ୍ ପତାକା (ଲାଲ୍ ରଙ୍ଗରେ ଆସୁଥିବା ବିନ୍ଦୁ) ଶିଶୁ ପାଇଁ ସ୍ୱତନ୍ତ୍ର ରେଜିଷ୍ଟର ବା ଖାତା

୧୪.	ଗୃହ ପରିଦର୍ଶନ ସକାସେ ମାର୍ଗ ଦର୍ଶିକା

Annexure- I

Annexure- II

Annexure- III

Annexure- IV

# କୁପୋଷଣ ଦୂରୀକରଣ କାର୍ଯ୍ୟକ୍ରମ

କୁପୋଷଣ ସମସ୍ୟାକୁ ଭାରତ ସରକାର ଏକ ବହୁବିଧ ବା ବହୁମୂଖୀ ସମସ୍ୟା ଭାବେ ଉପସ୍ଥାପନ କରିବା ସହ ଏହାକୁ ରୋକିବା ସକାସେ ଏକ ବହୁବିଧ ତଥା ଅନେକଗୁଡ଼ିଏ ବିଭାଗର ମିଳିତ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏହା ମଧ୍ୟ ଅନେକ ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ଅନେକ ବିଶେଷଜ୍ଞମାନଙ୍କ ଦ୍ୱାରା ଗ୍ରହଣ କରାଯାଇଛି ।

ଅନେକଗୁଡ଼ିଏ ପରୀକ୍ଷାମୂଳକ କାର୍ଯ୍ୟକ୍ରମର ସଫଳ ପରିଣ ତଥା ଅନେକଗୁଡ଼ିଏ ନୂଆନୂଆ ଜ୍ଞାନ କୌଶଳକୁ ବିଶ୍ଳେଷଣ କରି ଜଣାଯାଇଛି ଯେ ଅନେକଗୁଡ଼ିଏ ସ୍ୱତନ୍ତ୍ର ଉପାଦାନ ଏବଂ କୌଶଳ କୁପୋଷଣକୁ ଅନେକ ମାତ୍ରାରେ ପ୍ରଭାବିତ କରିଥାଏ । ତେବେ ସେ ଯାହା ହେଉନା କାହିଁକି କୁପୋଷଣକୁ ଦୂର କରିବା ପାଇଁ ଆମକୁ ଏକ ସମ୍ମିଳିତ ତଥା ସୁଚିନ୍ତିତ ଏବଂ ସମାଧାନକୁ ଖୋଜି ବାହାର କରିବାକୁ ପଡ଼ିବ । ଏହା ଦୃଷ୍ଟାନ୍ତମୂଳକ ହେବା ଆବଶ୍ୟକ । ଏହା ମଧ୍ୟ ସତ୍ୟ ଯେ ଏଭଳି ଏକ ବିସ୍ତୃତ ଗୋଷ୍ଠୀ ଭି□ିକ କାର୍ଯ୍ୟକୁ ଆଗେଇନେବା ଏକ ଅତ୍ୟନ୍ତ ଜଟିଳ ବ୍ୟାପାର ଅଟେ । ସେହି ହେତୁ କୁପୋଷଣକୁ ଦୂର କରିବା ପାଇଁ ଆମେ ଏକ ସହଜ କାର୍ଯ୍ୟକ୍ରମକୁ/ପନ୍ଥାକୁ ବାଛି ନେଇଥାଉ ଯାହାଫଳରେ କୁପୋଷଣ କାର୍ଯ୍ୟକ୍ରମ ସହ ଜଡ଼ିତ ଥିବା ଅନେକଗୁଡ଼ିଏ ସମ୍ବେଦନଶୀଳ ପ୍ରସଙ୍ଗ ତଥା ଉପାଦାନ ପ୍ରତି ଆମେ ଆଖି ବନ୍ଦ କରିଦେବା ଏବଂ ତଥା କଥିତ ଭାବେ ସହଜରେ କିଭଳି କାମଟିଏ ଶେଷ ହୋଇଯାଉ ଭାବି ଆମେ କାର୍ଯ୍ୟକ୍ରମକୁ ଶେଷ କରିବାକୁ ଚେଷ୍ଟାକରୁ । ଏଥିପାଇଁ ଅନେକ ସମୟରେ ଆମେ ଏକ ତୁରନ୍ତ ସାଧନାର ସୂତ୍ରଭାବେ ବଜାରରେ ପ୍ରସ୍ତୁତ ହୋଇ ରହିଥିବା ପୃଷ୍ଟିଯୁକ୍ତ ଖାଦ୍ୟ କିମ୍ବା ଅନେକ ଖାଦ୍ୟ ପଦାର୍ଥର ଫର୍ଟିଫିକେସନ କରାଇ ନେବାର ରାସ୍ତାକୁ ବାଛିଥାଉ ଯଦ୍ୱାରା କି ଗୋଟିଏ କୁପୋଷଣ କାର୍ଯ୍ୟକ୍ରମ ଆମ ଦେବାରେ ସ୍ଥାୟିଭାବେ ଚାଲିପାରେ ନାହିଁ । ଆମ ଦେଶର ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ପରିବେଷରେ ଏଭଳି ଏକ "ପ୍ରସ୍ତୁତ ହୋଇ ରହିଥିବା ବଜାର ଭି□ିକ- "ତୁରନ୍ତ-ସମାଧାନ" କାର୍ଯ୍ୟକ୍ରମ କୌଣସି ପରିସ୍ଥିତିରେ ମଧ୍ୟ ଫଳପ୍ରଦ ହୋଇପାରିବ ନାହିଁ ।

ଆମ (ଆକ୍ସନ ଏଗେନେଷ୍ଟ ମାଲ୍‌ନ୍ୟୁଟ୍ରିଏସନ) କାର୍ଯ୍ୟକ୍ରମଟି ଏକ ମିଳିତ କାର୍ଯ୍ୟକ୍ରମ । ଏହା ଆମ ଦେଶର କିଛି ନିର୍ଦ୍ଦିଷ୍ଟ ଅପହ□ ଅ□ଳରେ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମର ଏକ ମୁଖ୍ୟ ବିଶେଷତ୍ୱ ହେଲା ଯେ ଏହା ସମ୍ପୂର୍ଣ୍ଣଭାବେ ଗୋଷ୍ଠୀ ସ୍ତରରେ ପରୀକ୍ଷିତ ହୋଇଥିବା ଅନେକଗୁଡ଼ିଏ କୌଶଳର ସମାରୋହ ଏବଂ ଅନୁଭୂତି ଉପରେ ପର୍ଯ୍ୟବେସିତ ।

ତେଣୁ ଏହି ଆମ୍ କାର୍ଯ୍ୟକ୍ରମକୁ ଏକ ମଡ଼େଲ ହିସାବରେ ମଧ୍ୟ ଗ୍ରହଣ କରାଯାଇପାରିବ ବୋଲି ବିବେଚନା କରାଯାଏ । ଏହାର କାରଣ ହେଉଛି ଏହା ବାସ୍ତବରେ ୩ଟି ମୁଖ୍ୟ ବିଷୟ ପ୍ରତି ଗୁରୁତ୍ୱ ଦେଇଥାଏ ।

୧. ଗୋଷ୍ଠୀ ସ୍ତରରେ ଏହାର ଉପଲବ୍ଧିତା ଏବଂ ଗୋଷ୍ଠୀସ୍ତରୀୟ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେବା ।

୨. ପ୍ରଚଳିତ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା କାର୍ଯ୍ୟକ୍ରମକୁ ।

୩. ସ୍ୱାସ୍ଥ୍ୟ ଓ ଏହା ସହିତ ସମ୍ପର୍କ ଥିବା ସମସ୍ତ ସରକାରୀ ବିଭାଗ ଏବଂ ବ୍ୟବସ୍ଥାକୁ ମଜବୁତ୍ କରିବା ।

୪. ଏବଂ କୁପୋଷଣକୁ ସାମୁହିକ ବା ଗୋଷ୍ଠୀ ସ୍ତରରେ କିଭଳି ରୋକିପାରିବାରେ ସଫଳ ହେବା ।

ଏହି କାର୍ଯ୍ୟକ୍ରମ ବା ପ୍ରକଳ୍ପଟି ପବ୍ଲିକ୍ ହେଲଥ୍ ରିସୋର୍ସ ସୋସାଇଟ୍, ନୂଆଦିଲ୍ଲୀ ଏବଂ ଏହାର ସହଯୋଗୀ ସଂସ୍ଥା ଯଥା ଏକଯୁଟ ସିନି (Child in need institute) ଚଓପାଲ ଗ୍ରାମୀଣ ବିକାସ ପ୍ରଶିକ୍ଷଣ ଏବଂ ସୋଧ୍ ସଂସ୍ଥାନ (Choubal) ଏବଂ

ଆଇଡ଼ିଆ, (Institute for development education & action-IDEA) ଦ୍ୱାରା ସମୁଦାୟ ୪ଟି ରାଜ୍ୟର ୭ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଇଅଛି । ଏହି ରାଜ୍ୟଗୁଡ଼ିକ ହେଲା ଛତିଶଗଡ଼, ବିହାର, ଓଡ଼ିଶା ଏବଂ ଝାଡଖଣ୍ଡ କାର୍ଯ୍ୟକ୍ରମଟି ପବ୍ଲିକ୍ ହେଲଥ୍ ରିସୋର୍ସ ନେଟ୍‌ୱାର୍କ (ପି.ଏଚ୍.ଆର.ଏନ୍)ଙ୍କର କେନ୍ଦ୍ରିୟ କାର୍ଯ୍ୟାଳୟଠାରେ ଗଠିତ ପି.ଏମ୍.ୟୁ ଜରିଆରେ ସଂଯୋଜନା କରାଯାଉଛି ।

ଏହି କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସମୀକ୍ଷା କରିବା ଲାଗି ଏକ ବିଶେଷଜ୍ଞ କମିଟି ଜାତୀୟ ସ୍ତରରେ ଗଠନ କରାଯାଇଛି । ଏହି କମିଟି ଅନେକ ବିଶେଷଜ୍ଞ ଏବଂ ସହଯୋଗୀ ଅନୁଷ୍ଠାନମାନଙ୍କର ପ୍ରତିନିଧିତ୍ୱକୁ ନେଇ ଗଠିତ କରାଯାଇଛି । ଏହା ସମୀକ୍ଷା କରିବା ସହ ଉପଯୁକ୍ତ ପରାମର୍ଶ ଦେବା ଏବଂ କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷଭାବେ ସହଯୋଗ କରିବାରେ ଅନେକ ସହାୟକ ହୋଇଥାଏ ।

ଏହି କାର୍ଯ୍ୟକ୍ରମ ଜାମ୍‌ସେଦପୁର ଟାଟା ଟ୍ରଷ୍ଟି ଆର୍ଥିକ ସହାୟତାରେ ଆରମ୍ଭ କରାଯାଇଅଛି ।

ଏହି କାର୍ଯ୍ୟକ୍ରମ କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ : ଏହି କାର୍ଯ୍ୟକ୍ରମଟି ଜନ୍ମଠାରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ଉଦ୍ଦିଷ୍ଟ ।

ଆମ୍ କାର୍ଯ୍ୟକ୍ରମର ମୁଖ୍ୟ କୌଶଳ ବା ଷ୍ଟ୍ରାଟେଜି (Strategy) :

ଏହି କାର୍ଯ୍ୟକ୍ରମ ଆଗେଇନେବା ପାଇଁ ୩ଟି ମୁଖ୍ୟ କୌଶଳକୁ ଅବଲମ୍ବନ କରାଯାଇଛି । ପି.ଏଚ୍.ଆର୍.ଏନ୍, କେପୁଟ ଏବଂ ଜନସ୍ୱାସ୍ଥ୍ୟ ସଂସ୍ଥାମାନଙ୍କର ମିଳିତ ଅଭିଜ୍ଞତାକୁ ଭି□ କରି ଏହି କୌଶଳର ପରିକଳ୍ପନା କରାଯାଇଛି ।

ସିଷ୍ଟମ୍ ଷ୍ଟ୍ରେନ୍ଥେନିଙ୍ଗ୍ (System strengthening): ଏହି କୌଶଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ସରକାରୀ ବ୍ୟବସ୍ଥାରେ କାର୍ଯ୍ୟରତ ଥିବା ତମାମ୍ କର୍ମଚାରୀ/କର୍ମୀ ତଥା ଗୋଷ୍ଠୀ ସ୍ତରରେ ଥିବା ଜନସାଧାରଣମାନଙ୍କର ଦକ୍ଷତା ବୃଦ୍ଧିରେ ସହାୟକ ହେବା । କାରଣ ଏମାନେ ସ୍ୱାସ୍ଥ୍ୟ ଏବଂ କୁପୋଷଣ ଦୂରୀକରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥାନ୍ତି ଫଳରେ ସରକାରୀ କାର୍ଯ୍ୟକ୍ରମର ସୁଫଳ ଜନସାଧାରଣଙ୍କ ପାଖରେ ପହ□ିବ ତେବେ ମୁଖ୍ୟତଃ ସିଷ୍ଟମ ଷ୍ଟ୍ରେନ୍ଥେନିଙ୍ଗ୍‌ରେ ନିମ୍ନୋକ୍ତ ବିଭାଗଗୁଡ଼ିକ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି ।

ଆଇ.ସି.ଡି.ଏସ୍ (ICSD)

ସ୍ୱାସ୍ଥ୍ୟ ସେବା (ବିଶେଷଭାବେ ଟୀକାକରଣ, ବାଲ୍ୟାବସ୍ଥାର ରୋଗବେମାର Childhood illness

ପୃଷ୍ଟି ବିକାଶ/ଥଇଥାନ କେନ୍ଦ୍ର NRC

ଗ୍ରାମା□ଳର ଜଳ ଓ ପରିମଳ ସେବା

ସାଧାରଣ ବ□ନ ବ୍ୟବସ୍ଥା ଏବଂ ନରେଗା କାର୍ଯ୍ୟକ୍ରମ

କମ୍ୟୁନିଟ୍ ମୋବିଲାଇଜେଶନ୍ : ଗୋଷ୍ଠୀ ବା ଗାଁ ସ୍ତରରେ ନିୟମିତ ଭାବେ ମିଟିଂ କରି ସେଥିରେ କୁପୋଷଣ, ଶିଶୁଯତ୍ନ, ଶିଶୁ ସ୍ୱାସ୍ଥ୍ୟ ଓ ଏହା ସହିତ ... ଥିବା ସମସ୍ତ ବିଷୟରେ ବୁଝାଇବା ଏହି ମିଟିଂକୁ ପି.ଏଲ.ଏ. ପ୍ରଶିକ୍ଷଣ ଆଧାରରେ ଅନୁଷ୍ଠିତ କରିବା ।

ଏସବୁ ମିଟିଂରେ ପୋଷଣ ସଂକ୍ରାନ୍ତ ଜ୍ଞାନ ଅଭିବୃଦ୍ଧିକୁ ପରକ୍ଷିବା ଓ ଅନ୍ୟାନ୍ୟ ସମସ୍ୟା ସବୁ ବିଷୟରେ ଆଲୋଚନା କରିବା ଜଦ୍ୱାରା ଲୋକମାନେ ନିଜ ନିଜ ସ୍ତରରେ କୁପୋଷଣକୁ ଦୂର କରିବା ସକାସେ କିଛି କାମ କରିବା ସହ ସରକାରୀ କାର୍ଯ୍ୟକ୍ରମର ସିମିତ ପରିସର ଓ ଧାରାର ବାହାରକୁ ଯାଇ ନିଜ ନିଜ ସ୍ତରରେ କୁପୋଷଣ ଭଳି ସମସ୍ୟାକୁ କିଭଳି ଦୂର କରାଯାଇ ପାରିବ, ସେ ବିଷୟରେ ଚିନ୍ତା କରିପାରିବେ ।

ଏଥିରେ ପ୍ରତି ଗାଁ ପଡ଼ାର ପ୍ରତ୍ୟେକଟି ଦିନ ପାଇଁ ୧୮ ମାସ ସମୁଦାୟ ୧୮ଟି ମିଟିଙ୍ଗର ପରିକଳ୍ପନା କରାଯାଇଛି । ଯେଉଁ ଦଳ ବା ଗ୍ରୁପମାନଙ୍କୁ ନେଇ ମିଟିଂ କରାଯିବ ସେଇ ଦଳରେ ମୁଖ୍ୟତଃ ସ୍ତ୍ରୀ ଲୋକମାନେ (ପ୍ରଜନନ ବର୍ଗର) ରହିବେ

ଏତଦ୍ ବ୍ୟତୀତ ୨ଟି ସାମୁହିକ ମିଟିଂ ରହିବ ଯାହା ପୁରା ଗାଁର ଲୋକମାନଙ୍କୁ ନେଇ ଅନୁଷ୍ଠିତ ହୋଇଥାଏ ।

ଉପର ବର୍ଣ୍ଣିତ ୧୮ଟି ମିଟିଂରେ ଯେଉଁ ମହିଳା ଗୋଷ୍ଠୀମାନେ ଅଂଶ ଗ୍ରହଣ କରିଥାନ୍ତି ସେହିସବୁ ଗୋଷ୍ଠୀର ସଂଖ୍ୟା ୧୫ ରୁ ୨୦ ଭିତରେ ହୋଇଥାଏ । କୁପୋଷଣ ସଂକ୍ରାନ୍ତ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ତଦାରଖ କରିବାରେ ସମସ୍ତ ପ□ାୟତମାନେ ନିୟୋଗ ହୋଇଥାନ୍ତି ।

.... ଏବଂ ନରେଗା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ମଧ୍ୟ ହେବ ।

କ୍ରେସେସ୍ : ଏହା ସାଧାରଣ ଭାବେ ଆମେ ଯତ୍ନ ନେବାର ଏକ ସାମଗ୍ରିକ ବାତାବରଣ ବୋଲି କହିପାରିବା । ବାସ୍ତବରେ କୁପୋଷଣକୁ ଅତିକ୍ରମ କରିବା ବା ଦୂରେଇବା ପାଇଁ ଆଜି ପର୍ଯ୍ୟନ୍ତ ଯେତେ ପ୍ରକାରର କାର୍ଯ୍ୟକ୍ରମ ତଥା ପଦକ୍ଷେପମାନ ହାତକୁ ନିଆଯାଇଛି ସେସବୁର ମୂଳରେ ଏହି ଯତ୍ନ ନେବାର ପ୍ରକ୍ରିୟା ବା ବାତାବରଣକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ବିବେଚନା କରାଯାଇଛି । କହିବାକୁ ଗଲେ ପୋଷଣ ସଂକ୍ରାନ୍ତ ଯେତେସବୁ କାର୍ଯ୍ୟକ୍ରମର ବାସ୍ତବ ତଥା ସୁପ୍ରଭାବକୁ ଯଦି ବିଚାରକୁ ନିଆଯାଏ ତେବେ ଶିଶୁଟିର ପ୍ରକୃତ ଯତ୍ନ ହିଁ ଏହାର ମୁଖ୍ୟ ଉପାଦାନ ହେବ ।

ଆମର ସାମାଜିକ ବ୍ୟବସ୍ଥା ମଧ୍ୟରେ ଯେଉଁଠି ଗୋଟିଏ ଶିଶୁର ମା ତାର ଅଧିକାଂଶ ସମୟ ଏବଂ ଶକ୍ତିକୁ ରୋଜଗାର ବା ମଜୁରିଟିଏ ଆଣିବାକୁ ଲଗାଇ ଦେଇଥାଏ; ଘରର ଦୈନନ୍ଦିନ କାମରେ ବିନିଯୋଗ କରିଥାଏ, କ୍ଷେତରେ କାମ କରିବାକୁ ନିଜକୁ ନିୟୋଜିତ କରିପକାଏ ଘରର ଗାଈଗୋରୁଙ୍କର ଯତ୍ନଠାରୁ ନିଜର ଛୋଟବଡ଼ ପିଲାମାନଙ୍କର ଦେଖାରଖା କରିବାରେ ଉତ୍ସର୍ଗ କରି ଦେଇଥାଏ । ସେହିଭଳି ସ୍ଥିତିରେ ଯତ୍ନ ନେବାର ପ୍ରକ୍ରିୟାଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ ।

ତେବେ ଆମେ ଯେଉଁ କ୍ରେସେସ୍ ବା ଶିଶୁଗୃହ ବିଷୟରେ ଆଲୋଚନା କରୁଛେ ତାହା ୩ ବର୍ଷରୁ ତଳକୁ ସମସ୍ତ ଶିଶୁମାନଙ୍କର ଯତ୍ନ ନେବାପାଇଁ ଆରମ୍ଭ ହୋଇଛି । ବିଶେଷ ଭାବେ ୬ ମାସ ସମ୍ପୂର୍ଣ୍ଣ ସ୍ତନ୍ୟପାନ ପ୍ରକ୍ରିୟା ଶେଷ ହୋଇସାରିବା ପରେ ଶିଶୁମାନେ ଏଇ କ୍ରେସ୍ ବା ଶିଶୁଗୃହରେ ରହିଥାନ୍ତି ।

ଏହି କେନ୍ଦ୍ର ବା ଗୃହରେ ନିୟମିତଭାବେ ଶିଶୁମାନଙ୍କର ଅଭିବୃଦ୍ଧି ଉପରେ ନଜର ରଖାଯାଇଥାଏ । ଏହାଛଡ଼ା ଆପାତକାଳୀନ ପରିସ୍ଥିତିର ସମାଧାନ କରିବା ବା ପରିଚାଳନା କରିବା, କୁପୋଷଣର ଶିକାର ହୋଇଥିବା ଶିଶୁମାନଙ୍କ ଉପରେ ଧ୍ୟାନଦେବା ତଥା ପିଲାଙ୍କୁ ଯେତେଶୀଘ୍ର ସମ୍ଭବ ସେମାନଙ୍କର ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦେବା କ୍ରେସଗୁଡ଼ିକ ଗାଁ/ପଡ଼ା ସ୍ତରରେ ଖୋଲାଯାଇ ପ୍ରାୟ ୧୦ଟି ପିଲାଙ୍କୁ ନିଆଯାଇଥାଏ ଏବଂ ଏଥିପାଇଁ ସ୍ଥାନୀୟ ଗାଁ / ପଡ଼ାର ୨ଟି ସେବିକାଙ୍କୁ ସମୁଦାୟଙ୍କ ସମ୍ମତି ଅନୁସାରେ ଚୟନ କରାଯାଇ ପିଲାମାନଙ୍କର ଯତ୍ନ ନେବା ସକାସେ ନିୟୋଗ କରାଯାଇଥାଏ । ଛୋଟ ଛୋଟ ଶିଶୁମାନଙ୍କର ଯତ୍ନ ନେବା ଲାଗି ଆବଶ୍ୟକୀୟ ପ୍ରଶିକ୍ଷଣ ମଧ୍ୟ ସେବିକାମାନଙ୍କୁ ପ୍ରକଳ୍ପ ତରଫରୁ ଦିଆଯାଇଥାଏ ।

ଏମାନଙ୍କୁ ଆବଶ୍ୟକ ଅନୁସାରେ ବୈଷୟିକ ସହାୟତା, ତାଲିମ ତଥା ଦୈନନ୍ଦିନ କାର୍ଯ୍ୟରେ ସହାୟତା ଏବଂ ପରିଚାଳନା କରିବା ପାଇଁ ବ୍ଲକ୍ ସ୍ତରରେ ଏବଂ କ୍ଲଷ୍ଟର ସ୍ତରରେ ପି.ଏଲ୍.ଏ. ଏବଂ କ୍ରେସ୍ ସଂଯୋଜକମାନଙ୍କୁ ମଧ୍ୟ ନିଯୁକ୍ତି କରାଯାଇଥାଏ । କ୍ରେସ୍‌ରେ ଥିବା ପିଲାମାନଙ୍କୁ ଦିନରେ (ସକାଳ ୮.୩୦ ରୁ ଉପରବେଳା ୪.୩୦) ୩ ଥର ଖାଇବାକୁ ଦିଆଯାଏ ।

ଆବଶ୍ୟକ ଅନୁସାରେ ଦୁର୍ବଳ ତଥା ଅତି ଦୁର୍ବଳ ଶିଶୁ ଏବଂ ଯେଉଁ ଶିଶୁମାନଙ୍କର ଶାରୀରିକ ଅଭିବୃଦ୍ଧିରେ ମାସକୁ ମାସ ତାରତମ୍ୟ ଦେଖାଯାଉଛି କିମ୍ବା ବୃଦ୍ଧିରେ ହାନି ଘଟୁଛି ସେମାନଙ୍କୁ ସ୍ୱତନ୍ତ୍ର ପୁଷ୍ଟି ଓ ଯତ୍ନର ବନ୍ଦୋବସ୍ତ କରାଯାଇଥାଏ ।

କ୍ରେସ୍‌ରେ ପ୍ରତିମାସରେ ଶିଶୁମାନଙ୍କର ଓଜନ ନିଅଯାଇଥାଏ ଏବଂ ପ୍ରତି ମାସରେ ଥରେ ଉଚ୍ଚତାକୁ ମଧ୍ୟ ମପାଯାଇଥାଏ ।

ସରକାରୀ ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା (Health Checkup) କରାଯାଇଥାଏ । ଏହାଛଡ଼ା ପ୍ରତ୍ୟକ ଶିଶୁ କିଭଳି ଉପଲବ୍ଧ ସମସ୍ତ ... ସ୍ୱାସ୍ଥ୍ୟ ସେବା ସୁବିଧା ଲାଭ କରିବେ ସେସବୁକୁ ସୁନିଶ୍ଚିତ କରାଯାଇଥାଏ ।

ଏସବୁ କ୍ରେସ୍ ବା ଶିଶୁଗୃହକୁ ସ୍ଥାନୀୟ ଲୋକମାନେ ବା ଗୋଷ୍ଠୀ ସମୂହ ଯଥେଷ୍ଟ ସହାୟତା ଯୋଗାଇବା ସହ ଏହାର ଯତ୍ନ ନେବା ଲାଗି ଆଗ୍ରହୀ ହୋଇଛନ୍ତି ଏବଂ ବାସ୍ତବରେ ଏହାକୁ ସବୁ ପ୍ରକାର ସମର୍ଥନ ଯୋଗାଇ ଦେଉଛନ୍ତି ।

କ୍ରେସ୍ ବା ଶିଶୁଗୃହକୁ କରିବାକୁ ତାର ସ୍ଥାନ ନିରୁପଣ କରିବାରେ କିମ୍ବା କ୍ରେସ୍ କରିବାକୁ କୌଣସି ଲୋକର ଘରକୁ ଅନୁମତି ପ୍ରଦାନ କରିବାରେ କ୍ରେସର ଖାଇବା () ସ୍ଥିର କରିବାରେ ସ୍ଥାନୀୟ ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏହାଛଡ଼ା କ୍ରେସ୍ ପରିଚାଳନା ତଥା ତଦାରଖ ପ୍ରକ୍ରିୟାରେ ଏମାନଙ୍କର ମୁଖ୍ୟ ଭୂମିକା ରହିଥାଏ ।

କ୍ରେସ୍‌ର ମୁଖ୍ୟାଂଶ

ଏହା ୦-୩ ବର୍ଷର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥାଏ ।

କୁପୋଷଣରୁ ପିଲାମାନଙ୍କୁ ରକ୍ଷା କରିବା ସହ ଏଥିରୁ କିଭଳି ମୁକ୍ତ ହେବେ ଏବଂ କୁପୋଷଣ ଆଗକୁ ନବଢ଼ିବା ପାଇଁ କଣ କଣ ପଦକ୍ଷେପ ନେଇହେବ ସେଥିପାଇଁ ଗୋଷ୍ଠୀ/ବା ସମୁଦାୟକୁ ସଚେତନ କରିବା ସହ ସେମାନଙ୍କୁ ଏଥିରେ ସାମିଲ ବା ... କରାଇବା ।

ଆଇ.ସି.ଡି.ଏସ୍ () ଏବଂ ରାଷ୍ଟ୍ରିୟ ସ୍ୱାସ୍ଥ୍ୟ ମିଶନ () ଭଳି ସରକାରୀ କାର୍ଯ୍ୟକ୍ରମକୁ ମଜ୍‌ବୁତ୍ କରିବାରେ ସାହାଯ୍ୟ କରିବା ସହ କୁପୋଷଣ ସହ ଜଡ଼ିତ ଥିବା ଅନ୍ୟାନ୍ୟ ବ୍ୟବସ୍ଥା ଯଥା-ଜଳ ଓ ପରିମଳ, ସାଧାରଣ ବ□ନ ବ୍ୟବସ୍ଥା, କର୍ମନିଯୁକ୍ତି, ମହିଳା ଶଶକ୍ତିକରଣ ପ୍ରତିଟି ଦିଗପ୍ରତି ଧ୍ୟାନ ଦେବା ଯଦ୍ୱାରା ସରକାରୀ ବ୍ୟବସ୍ଥାରୁ ଖୁବ୍ ଭଲଭାବେ ଫଳ ମିଳିପାରିବ ।

ଶିଶୁ ଯତ୍ନ ଏବଂ କୁପୋଷଣ ଦୂରୀକରଣ ସାକାସେ ଗୋଷ୍ଠୀ ଭି□କ ଯେତେସବୁ କାର୍ଯ୍ୟକ୍ରମ (ଉଭୟ ସରକାରୀ ଓ ବେସରକାରୀ ସ୍ତରରେ) ଚାଲୁ ରହିଛି ସେଥିରେ ଥିବା ଅଭାବ ଏବଂ ଶୂନ୍ୟସ୍ଥାନକୁ ପୂରଣ କରିବାରେ ସହାୟକ ହେବା ।

ଏହି କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ଜାଗାରେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ଏକ ମଡ଼େଲ ଭାବେ ଗଢ଼ିତୋଳିବା ।

ଏହି କାର୍ଯ୍ୟକ୍ରମକୁ ଭି□କରି ବା ଅନୁସରଣ କରି କୁପୋଷଣ ଦୂରୀକରଣ ସମସ୍ତ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଥିବା ଅନେକଗୁଡ଼ିଏ ନୀତି ଏବଂ ନିୟମରେ ପରିବ□ନ ଆଣିବାକୁ ପ୍ରଚେଷ୍ଟା କରିବା ।

ଏହି ପ୍ରକଳ୍ପ ବା କାର୍ଯ୍ୟକ୍ରମର ଅଗ୍ରଗତିକୁ ତଦାରଖ ନିଆ ସମୀକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର ଏମ୍.ଆଇ.ଏସ୍ ଏବଂ ଗବେଷଣା ନୀତି/ନିୟମ ପ୍ରୋଟୋକଲ ମଧ୍ୟ ରଖାଯାଇଛି ।

ଏହି ପ୍ରୋଜେକ୍ଟ ବା ପ୍ରକଳ୍ପର ଆଉ ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେ

# କ୍ରେସରେ ଶିଶୁର ନାମଲେଖା ପାଇଁ ଥିବା ନିୟମାବଳୀ

ଏହି ଫର୍ମଟିକୁ ପି.ଏଲ.ଏ (PLA) ଫ୍ୟାସିଲିଟେଟର ଏବଂ କ୍ରେସ୍ ୱ୍ୱାର୍କର ପୁରଣ କରି କ୍ରେସରେ ପ୍ରତି ପିଲା ପାଇଁ ଗୋଟିଏ ଗୋଟିଏ ଅଲଗା ଫାଇଲ କରି ରଖିବେ ।

**କ ବିଭାଗ : ଶିଶୁ ବିଷୟରେ**

୧. ଗ୍ରାମର ନାମ :

୨. ଶିଶୁର ନାମ :

୩. କେଉଁ ତାରିଖରେ ନାଁ ଲେଖାଇଲେ (ଦିନ/ମାସ/ବର୍ଷ) :

୪. ଶିଶୁର ଲିଙ୍ଗ :

୫. ଜନ୍ମ ତାରିଖ (ଦିନ/ମାସ/ବର୍ଷ) :

୬. ବୟସ ମାସରେ :

୭. ଶିଶୁଟି କେତେ ନମ୍ବରର ଗର୍ଭ (କେବଳ ଜୀବିତ ଶିଶୁମାନଙ୍କ ଅନୁସାରେ) :

୮. ପିତାଙ୍କ ନାମ :

୯. ମାତାଙ୍କ ନାମ :

୧୦. ଜାତି/ଜନଜାତି (ଏସ୍.ସି/ଏସ୍.ଟି/ଅନ୍ୟାନ୍ୟ) :

୧୧. ଧର୍ମ :

୧୨. କେଉଁ ରାସନ କାର୍ଡ଼ ଅଛି (ଅନ୍ତର୍ଦ୍ଧୋୟ/ବି.ପି.ଏଲ/ଏ.ପିଲ/କାର୍ଡ଼ ନାହିଁ) :

୧୩. ମା'ଙ୍କର ଶିକ୍ଷାଗତ ଯୋଗ୍ୟତା :

୧୪. ବାପାଙ୍କର ପେଷା/ବୃ□ :

୧୫. ମା'ଙ୍କର ପେଷା/ବୃ□ :

୧୬. ଶିଶୁର ପରିବାରର କୌଣସି ଜମି ଅଛି କି (ହଁ/ନାହିଁ) :

୧୭. କେଉଁ ପ୍ରକାରର ଘର (କଚା ଘର/ପକ୍କା ଘର/ ସାଧାରଣ) :

୧୮. ଅନ୍ୟ କେଉଁ ପ୍ରକାରର ଗୃହପୋକରଣ ଅଛି (ଯଥା- ଟ୍ରାକ୍ଟର, ଚାରିଚକିଆ ଯାନ, ମଟର ସଇକେଲ ଅନ୍ୟାନ୍ୟ ଦୁଇଚକିଆ ଯାନ, ରେଫ୍ରିଜରେଟର, ଟିଭି, ଡ଼ିସ୍ ଟିଭି ଇତ୍ୟାଦି :

୧୯. କୌଣସି ପ୍ରକାରର କାମ ଧନ୍ଦା (ମଜୁରି କିମ୍ବା ବିନା ମଜୁରୀରେ) ପାଇଁ ମା ବାହାରକୁ ସ୍ଥାୟୀ ଭାବେ ଯାଆନ୍ତି କି ? :

୨୦. ଯୋଗାଯୋଗ ବ୍ୟକ୍ତିଙ୍କ ଟେଲିଫୋନ୍ ନମ୍ବର :

**ଖ ବିଭାଗ: ନାମ ଲେଖା ବେଳେ ଶିଶୁର ସ୍ୱାସ୍ଥ୍ୟାବସ୍ଥା**

୧. ଓଜନ (କେଜିରେ ଲେଖନ୍ତୁ):

୨. ଉଚ୍ଚତା (ସେ□ି ମିଟରରେ ଲେଖନ୍ତୁ):

୩. ଏମ୍.ୟୁ.ଏ.ସି (ସେ□ିମିଟରରେ):

୪. ଏମ୍.ୟୁ.ଏ.ସି ରଙ୍ଗ (ସବୁଜ/ହଳଦିଆ/ନାଲି):

୫. ବ□ିମାନ ମା କ୍ଷୀର ଖାଉଛି କି ? (ହଁ/ନାହିଁ):

୬. ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି କି ? (ହଁ ନାହିଁ):

୭. କୌଣସି ପ୍ରକାରର ଭିନ୍ନକ୍ଷମ କି ? (କେଉଁ ପ୍ରକାରର ଭିନ୍ନକ୍ଷମ ଲେଖନ୍ତୁ):

୮. କୌଣସି ପୁରୁଣା/ ଦିର୍ଘସ୍ଥାୟୀ ବେମାର ଅଛି କି ? (ଯଦି ହଁ, ରୋଗର ନାଁ ଲେଖନ୍ତୁ):

୯. ଟିକାକରଣର ବିବରଣୀ (ବିସିଜି/ପୋଲିଓ/ଡ଼ିପିଟି/ମିଳିମିଳା/ଭିଟାମିନ-ଏ ବୁଷ୍ଟର/-ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ ଏମ୍.ସି.ପି କାର୍ଡ଼ ଦେଖନ୍ତୁ):

୧୦. ପରିବାରରେ କୌଣସି ବ୍ୟକ୍ତିର କିଛି ଦୀର୍ଘକାଳୀନ ବେମାର ଅଛି କି ?:

୧୧. ମନ୍ତବ୍ୟ

# ଉପସ୍ଥାନ ରେଜିଷ୍ଟର

ପ୍ରତ୍ୟେକ କ୍ରେସ୍‌କୁ ପ୍ରି□ ହୋଇଥିବା ଉପସ୍ଥାନ ଖାତା ଯୋଗାଇ ଦିଆଯାଇଛି । ଏହି ଉପସ୍ଥାପନ ଖାତାରେ ନିମ୍ନଲିଖିତ ବିଷୟମାନ ଅଛି ।

୧. ଶିଶୁର ପରିଚୟ ସଂଖ୍ୟା-ଆଇ.ଡ଼ି

୨. ଶିଶୁର ନାମ

୩. ଲିଙ୍ଗ

୪. ପ୍ରତ୍ୟେକ ଦିନ ପାଇଁ ଉପସ୍ଥାନ

୫. ସମୁଦାୟ ଉପସ୍ଥାନ

୬. ଯଦି ଶିଶୁଟି କ୍ରମାଗତ ୩ ଦିନରୁ ଅଧିକ ଅନୁପସ୍ଥିତ ରୁହେ ତେବେ ତାର କାରଣ

୭. ଶିଶୁ ଚଳିତ ମାସର ଓଜନ (କ୍ରେସ୍‌ରେ ନିଆଯାଇଥିବା ଓଜନ-କେ.ଜିରେ)

୮. ଶିଶୁର ନିଆଯାଇଥିବା ଉଚ୍ଚତା (ସେ□ମିଟରରେ ପ୍ରକାଶକର ଏବଂ ଏହା କେବଳ ପ୍ରତି ୬ ମାସରେ ଥରେ ନିଆଯିବ)

୯. ଶିଶୁଟି ରେଡ଼୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କି ? (ହାଁ/ନାହିଁ)

୧୦. ଚଳିତ ମାସରେ ଶିଶୁଟି ପାଇଁ ଅଙ୍ଗନବାଡ଼ିରୁ ଉପୁରି ଖାଦ୍ୟ ବା ଟି.ଏଚ୍.ଆର ଆସିଛି କି ? (ହାଁ/ନାହିଁ)

୧୧. ଚଳିତ ମାସରେ ଶିଶୁଟିର ଓଜନ ଅଙ୍ଗନବାଡ଼ିରେ ନିଆଯାଇଛି କି ? (ହାଁ/ନାହିଁ)

୧୨. ମନ୍ତବ୍ୟ:-

# ଶିଶୁ ପାଇଁ ସ୍ୱାସ୍ଥ୍ୟ କାର୍ଡ

(ଏହି କାର୍ଡ଼ଟି ଶିଶୁର ପରିବାରରେ ଦିଆଯିବ ଏବଂ ପ୍ରତି ମାସକ ବ୍ୟବଧାନରେ ଏହାକୁ ଅପ୍‌ଡ଼େଟ୍ ଅର୍ଥାତ୍ ନବୀକରଣ କରାଯିବ)

| ଶିଶୁ ବିଷୟରେ | |
|---|---|
| ଶିଶୁର ନାମ | ଲିଙ୍ଗ |
| ଶିଶୁର ପରିଚୟ ସଂଖ୍ୟା | ନାମ ଲେଖା ତାରିଖ |
| ପିତାଙ୍କ ନାମ | ଜନ୍ମ ତାରିଖ |
| ମା ଙ୍କ ନାମ | ଜନ୍ମ ବେଳର ଓଜନ |

**ବ୍ୟକ୍ତିଗତ ବିବରଣୀ**

| କ୍ରଃ ସଂଖ୍ୟା | ତାରିଖ (dd/mm/yyyy) | ବୟସ (Months) | ଓଜନ (kg) | ରଙ୍ଗ | ମନ୍ତବ: |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |
| | | | | | |
| | | | | | |
| | | | | | |
| | | | | | |
| | | | | | |
| | | | | | |

# ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷା ଫର୍ମ

ଶିଶୁଟି ନାଁ ଲେଖାଇବାର ପରେ ପରେ ଯେତେ ଶୀଘ୍ର ସମ୍ଭବ ତାକୁ ତାର ସ୍ୱାସ୍ଥ୍ୟକୁ ଜଣେ ମେଡ଼ିକାଲ ଡ଼ାକ୍ତରଙ୍କ ସହାୟତାରେ କରାଇବା ସହ ପ୍ରତି ବର୍ଷକୁ ଥରେ ପୁଣି ସେହିଭଳି ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଦରକାର ।

୧. ଗାଁର ନାମ

୨. ଶିଶୁର ନାମ

୩. ଲିଙ୍ଗ

୪. ଜନ୍ମ ତାରିଖ (ଦିନ/ମାସ/ବର୍ଷ)

୫. ବୟସ (କେତେ ମାସର)

୬. କେଉଁ ତାରିଖରେ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା

୭. ଉଚ୍ଚତା (ସେ◌ିମିଟରରେ)

୮. ଓଜନ (କେ.ଜି ରେ)

**ଶିଶୁର ସଂକ୍ଷିପ୍ତ ସ୍ୱାସ୍ଥ୍ୟ ବିବରଣୀ**

୧. ଶିଶୁଟିର ଶାରିରିକ ବିକଳାଙ୍ଗ ଅଛି କି ?(କ) ହଁ (ଖ) ନାହିଁ

ଯଦି ହଁ ତେବେ ଉଲ୍ଲେଖ କରନ୍ତୁ ।

୨. ଆମର ଜାଣତରେ ଶିଶୁଟିର କିଛି ସ୍ୱାସ୍ଥ୍ୟ ସମସ୍ୟା ଅଛି କି ? (ଯଦି ହଁ ଲେଖନ୍ତୁ)

୩. ଶିଶୁଟି କେବେ ଡ଼ାକ୍ତରଖାନାରେ ଭ◌ି ହୋଇଛି କି ? ହଁ/ନାହିଁ (ଯଦି ହଁ ସବିଶେଷ ଲେଖନ୍ତୁ)

୪. ଶିଶୁଟିର କେବେ ଅସ୍ତ୍ରୋପଚାର ହୋଇଛି କି ? (ହଁ/ନାହିଁ)ଯଦି ହଁ ତେବେ ସବିଶେଷ ଲେଖନ୍ତୁ

୫. ଶିଶୁଟିର ପରିବାରରେ କିଏ ନିମ୍ନୋକ୍ତ ରୋଗରେ ପିଡ଼ିତ କି ?

-ଟି.ବି (ଜକ୍ଷ୍ମା)

-ଏଚ୍.ଆଇ.ଭି/ଏଡ଼ସ୍

-ମଧୁମେହ (ଡ଼ାଇବେଟିସ)

-ରକ୍ତ ଜନିତ (ହେମୋଫିଲିଆ, ସିକଲ୍‌ସେଲ୍, ଥାଲାସିମିଆ)

-ଅନ୍ୟାନ୍ୟ (ଉଲ୍ଲେଖ କରନ୍ତୁ)

୬. ଶିଶୁର ଯଦି କୌଣସି ଆଲର୍ଜି ଥାଏ ଯାହା ଆମେ ଜାଣିଛେ (ଉଲ୍ଲେଖ କରନ୍ତୁ)

୭. ଶିଶୁଟି କୌଣସି ଔଷଧପତ୍ର ଖାଉଛନ୍ତି କି ? ହଁ/ନାହିଁ

ଯଦି ହଁ, ତେବେ ଔଷଧର ନାଁ ଲେଖନ୍ତୁ

୮. ଡ଼ାକ୍ତରଙ୍କ ରିପୋର୍ଟ:

| | |
|---|---|
| ଆନିମିଆ-ରକ୍ତହୀନତା | |
| ଲିମ୍ଫ୍ ଗ୍ଲାଣ୍ଡ | |
| ସେ□ାଲ୍ ନର୍ଭସ୍ ସିଷ୍ଟମ୍ | |
| କାର୍ଡ଼ିଓ ଭାସ୍କୁଲାର ସିଷ୍ଟମ୍ | |
| ଚକ୍ଷୁ, ନାସା, ଗଳା ସଂକ୍ରାନ୍ତ | |
| ନିଶ୍ୱାସ, ପ୍ରଶ୍ୱାସ ଜନିତ | |
| ତଳି ପେଟ | |
| ଦାନ୍ତ ସମ୍ପର୍କିତ | |

୯. ବୟସ ଅନୁସାରେ ଶିଶୁଟି ଯାହା କରିବା କଥା ତାହା କରୁଛି କି ? ଏବଂ ତାର ଅଭିବୃଦ୍ଧି ଠିକ୍ ଅଛି କି ? ହଁ/ନାହିଁ

ଯଦି ନା, ତେବେ ମତାମତ ଲେଖନ୍ତୁ

୧୦. ଅନ୍ୟାନ୍ୟ ମନ୍ତବ୍ୟ

୧୧. କେଉଁ ପ୍ରକାରର ଚିକିତ୍ସା ଲେଖିବେ

୧୨. କଣ ପ୍ରତିକାର ନେଇଛନ୍ତି

୧୩. ଯଦି ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ରେଫର କରିବେ ତେବେ ତାର କାରଣ ଉଲ୍ଲେଖ କରନ୍ତୁ ।

# ଶିଶୁଟିର ବିକାଶ ଠିକ୍ ହୋଇଛି କି ନାହିଁ କିଭଳି ଜାଣିବେ

### ୦-୩ ମାସ

**ଶିଶୁଟି କଣ କରିପାରେ**

୩ ମାସ ମଧ୍ୟରେ ଅଧିକାଂଶଙ୍କୁ ସଂକେତ ଦେଲେ ବା କିଛି କହିଲେ ସେମାନେ ହସି ପାରିବେ ଗୋଟିଏ ରିବନ୍ କିମ୍ଵା ଖେଳନା ଦେଖାନ୍ତୁ ଶିଶୁଟି ପ୍ରକାଶ କରିପାରିବ ।

### ୩-୬ ମାସ

**ଶିଶୁଟି କଣ କରିପାରେ**

୬ ମାସ ମଧ୍ୟରେ ଅଧିକାଂଶ ଶିଶୁ ସେମାନଙ୍କୁ ସିଧା ଧରିଲେ ତାଙ୍କ ମୁଣ୍ଡଟି ସେମାନେ ସିଧା କରି ରଖିପାରିବେ କୌଣସି ସ୍ୱରରେ କହିଲେ ପ୍ରତିସ୍ୱର ସୃଷ୍ଟି କରିପାରିବେ ଖେଳନା କିମ୍ଵା କୌଣସି ଜିନିଷ ଆନକୁ ହାତ ବଢ଼ାଇବେ କିମ୍ଵା ସେଇ ଆଡ଼କୁ ଯିବେ ।

### ୬-୯ ମାସ

**ଶିଶୁଟି କଣ କରିପାରେ**

୯ ମାସ ମଧ୍ୟରେ ଅଧିକାଂଶ ଶିଶୁ ପେଟେଇବାରୁ ବସିବାକୁ ଆରମ୍ଭ କରିବେ ବୁଢ଼ା ଆଙ୍ଗୁଠି ଏବଂ ଅନ୍ୟ ଆଙ୍ଗୁଠିରେ ଛୋଟ ଜିନିଷ ଉଠାଇବେ ବିନା ସହାୟତାରେ ଚଟାଣରେ ବସିପାରିବେ

### ୯-୧୨ ମାସ

**ଶିଶୁଟି କଣ କରିପାରେ**

ଏକ ବର୍ଷ ମଧ୍ୟରେ ଅଧିକାଂଶ ଶିଶୁ କାହାର ସହାୟତା ନ ନେଇ ଠିଆ ହୋଇପାରିବେ ହାତ ହଲାଇବେ ବାବା/ମାମା ଭଳି ଶବ୍ଦ ଉଚ୍ଚାରଣ କରିବେ

## ୧୨-୧୮ ମାସ

| ଶିଶୁଟି କଣ କରିପାରେ |
|---|
| ଏକ ରୁ ଦେଢ଼ ବର୍ଷର ଅଧିକାଂଶ ଶିଶୁମାନେ ନିଜର ଇଚ୍ଛା ପ୍ରକାଶ କରିବେ କୌଣସି ଜାଗାରେ ଗୋଟି ରଖିପାରିବେ ଭଲଭାବେ ଚାଲିପାରିବେ । |

## ୧୮-୨୪ ମାସ

| ଶିଶୁଟି କଣ କରିପାରେ |
|---|
| ଅଧିକାଂଶ ଶିଶୁ ଅନ୍ୟର ସହାୟତାରେ ଗୋଟିଏ ପାଦରେ ଠିଆ ହୋଇପାରିବେ କିଛି ଅନ୍ୟ ଶବ୍ଦ ଯଥା, ଗାଈ, ରୁଟି କହିବେ ଛୋଟ ଛୋଟ ଘର କାମକୁ ନକଲ କରିପାରିବେ |

## ୨-୨$\frac{1}{2}$ ବର୍ଷ

| ଶିଶୁଟି କଣ କରିପାରେ |
|---|
| ଏହି ସମୟରେ ଶିଶୁମାନଙ୍କ ଶରୀରର ୪ଟି ଅଙ୍ଗ କୁ ଦେଖାଇ ପାରିବେ ନିଜେ ଖାଇବେ ଏବଂ କିଛି କିଛି ଖାଦ୍ୟ ବାଛିବେ ଗୋଟିଏ ରଙ୍ଗ ର ନା କୁ ଠିକ୍ ଭାବେ କହିବେ |

## ୨$\frac{1}{2}$- ୩ ବର୍ଷ

| ଶିଶୁଟି କଣ କରିପାରେ |
|---|
| ୩ ବର୍ଷ ପାଖାପାଖି ଅଧିକାଂଶ ପିଲାମାନେ ସିଧା ଗାର (ଲାଇନ୍) ଟାଣିପାରିବେ ନିଜର ହାତ ନିଜେ ଧୋଇପାରିବେ ୪ଟି ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ କିମ୍ବା ସାଧାରଣ ଜିନିଷକୁ ଦେଖାଇଲେ ସେଥିରୁ ୩ଟିର ନାଁ କହିପାରିବେ |

ଏହି ନିୟମକୁ କାର୍ଯ୍ୟକାରୀ କରିବାକୁ ହେଲେ ପ୍ରଥମେ ଶିଶୁର ବୟସକୁ ସ୍ଥିର ଭାବେ ଜାଣନ୍ତୁ ଏବଂ ଏହି ବୟସ ଅନୁସାରେ ଯାହା କରିପାରୁଛି ତାହାକୁ ଉପରୋକ୍ତ ବକ୍ସକୁ ଦେଖି ସେଥିରେ ଠିକ୍ ଚିହ୍ନ ଲଗାନ୍ତୁ ।

ମନେରଖନ୍ତୁ ଗୋଟିଏ ଶିଶୁର ବୟସ ୧୨ ମାସ ଏବଂ ଏହି ଶିଶୁଟି ୯ ରୁ ୧୨ ମାସ ପାଇଁ ଉଦ୍ଦିଷ୍ଟ ବକ୍ସରେ ଥିବା କେତୋଟି କାମ ବା ସମସ୍ତ କାମକୁ କରିବାରେ ଅକ୍ଷମତା ପ୍ରକାଶ କରେ ତେବେ ସେ କ୍ଷେତ୍ରରେ ଶିଶୁଟିକୁ ଡ଼ାକ୍ତରଙ୍କୁ ଦେଖାଇବାକୁ ପରାମର୍ଶ ଦିଅନ୍ତୁ ।

ଠିକ୍ ସେହି ଭଳି ଭାବେ ଯଦି ଅଢ଼େଇ ବର୍ଷର ଗୋଟିଏ ଶିଶୁ ପ୍ରଥମ ୬ଟି ବକ୍ସରେ ଦିଆଯାଇଥିବା ସମସ୍ତ କାମକୁ କରିପାରୁନାହିଁ କିମ୍ବା ନିଜେ ଖାଇ ପାରୁନାହିଁ ତେବେ ତାକୁ ମଧ୍ୟ ଡ଼ାକ୍ତରଙ୍କ ପାଖକୁ ପରାମର୍ଶ ପାଇଁ ପଠାନ୍ତୁ ବା ରେଫର କରନ୍ତୁ ।

# ଖାଦ୍ୟ ସାରଣୀ

**ବିଭାଗ-(୧)- ସାଧାରଣ ନିୟମାବଳୀ:-**

- ମା କ୍ଷୀର ଖାଉଥିବା ଶିଶୁମାନଙ୍କ ପାଇଁ:- ୬ ମାସ ପର୍ଯ୍ୟନ୍ତ ଶିଶୁଟି ଯେଉଁ ଭଳି ଭାବେ କେବଳ ମା କ୍ଷୀର ଖାଇବ ସେଥିପାଇଁ ସମସ୍ତ ଉଦ୍ୟମ ବଳବ□ର ରହିବା ଆବଶ୍ୟକ. ଯଦି କୌଣସି ମା ଆର୍ଥିକ ଅନଟନ କାରରରୁ ବାହାରକୁ କାମ କରିବାକୁ ଯିବାକୁ ବାଦ୍ଧ୍ୟ ହୁଅନ୍ତି ତେବେ ସେ କ୍ଷେତ୍ରରେ ଗାଈ କ୍ଷୀରକୁ (pastered & tonnes) ଦିଆଯିବ । ଯଦି ଏହା ତତାପି ସମ୍ଭବ ନ ହୋଇଥାଏ ତେବେ ସେ ଭଳି ପରିସ୍ଥିତିରେ ପ୍ରକଳ୍ପ ପରିଚାଳନା କେନ୍ଦ୍ରକୁ ଏ ବିଷୟରେ ଅବଗତ କରାନ୍ତୁ ଯ ଦ୍ୱାରା ଏହି ପରିଚାଳନା କେନ୍ଦ୍ର ଏ ଭଳି ସ୍ଥିତିରେ ସ୍ଥାନୀୟ ସମ୍ବଳକୁ ନେଇ କେଉଁ ବିକଳ୍ପ ପଦ୍ଧତି ଗ୍ରହଣ କରିବା ଉଚିତ୍ ହେବ ସେ ବିଷୟରେ ଜଣାଇବେ ।
- ଦିନକୁ ୨ଥର ଜଳଖିଆ ଏବଂ ଥରେ ଗରମ ରନ୍ଧା ଖାଦ୍ୟ ଦିଆଯିବା ଉଚିତ୍ । ୨ୟ ଥର ଭାଗିଲେ ସେଥିପାଇଁ ମଧ୍ୟ ଯଥେଷ୍ଟ ଖାଦ୍ୟ ଥିବା ଆବଶ୍ୟକ ।
- ପ୍ରତି ସପ୍ତାହର ଖାଦ୍ୟ ତାଲିକା ସପ୍ତାହ ଆରମ୍ଭରେ ଯଥେଷ୍ଟ ପୂର୍ବରୁ ହେବା ଦରକାର ।
- ଖାଦ୍ୟ ସାଧାରଣ କିନ୍ତୁ ପୃଷ୍ଟି ଯୁକ୍ତ ହେବା ଆବଶ୍ୟକ ।
- ଶିଶୁର କାଦ୍ୟ ବିବିଧ ଖାଦ୍ୟ ପଦାର୍ଥର ମିଶ୍ରଣରେ ହେବା ଆବଶ୍ୟକ । ଏଥିରେ ଶସ୍ୟ ଜାତୀୟ, ଡ଼ାଲି ଜାତୀୟ ସହିତ ବିଭିନ୍ନ ପ୍ରକାରର ପନିପରିବା, ଫଳମୂଳ, ଅଣ୍ଡା, ମାଛ, ମାଂସ, ତୈଳ ଜାତୀୟ , ଗୁଡ଼, ଚିନି ର ସମଷ୍ଟି ହେବା ଆବଶ୍ୟକ । ନିଜ ନିଜ ଅ□ଳରେ ଥିବା ସ୍ଥାନୀୟ ଖାଦ୍ୟଶସ୍ୟ (ଯଥା- ମାଣ୍ଡିଆ ଓ ଅନ୍ୟାନ୍ୟ) ଏତଦ୍ ବ୍ୟତିତ ଖାଦ୍ୟରେ ବାଦାମ ଓ ରାଶି ପ୍ରଭୃତି ତୈଳ ଜାତୀୟ ପଦାର୍ଥକୁ ମଧ୍ୟ ମିଶାବାକୁ ଚେଷ୍ଟା କରାଯିବା  ଉଚିତ ।
- ଖାଦ୍ୟ ତାଲିକାରୁ କ୍ଷୀର କୁ ବାଦ୍ ଦିଆଯିକାର କାରଣ ହେଉଛି ଯେ ଏହାକୁ ଉପଯୁକ୍ତ ସମୟରେ ଏବଂ ଉପଯୁକ୍ତ ଅବସ୍ଥାରେ ଶିଶୁମାନଙ୍କ ପାଖରେ ପହ□ାଇବା ଏକ କଷ୍ଟକର ବ୍ୟାପାର ନିରାପ□ା ଦୃଷ୍ଟିରୁ ମଧ୍ୟ କ୍ଷୀରକୁ ଆମ କ୍ରେସର ଖାଦ୍ୟ ତାଲିକାରେ ସାମିଲ କରାଯାଇ ନାହିଁ ।
- ତେବେ ଯଦି ଆମେ ଦେଖବବା ଯେ ସ୍ଥାନୀୟ ସ୍ତରରେ ଦୁଗ୍ଧ କିମ୍ବା ଦୁଗ୍ଧଜାତ ଦ୍ରବ୍ୟ ପୁରା ତାଜା ଅବସ୍ଥାରେ ମିଳେ । ତେବେ ତାହା ପିଲାଙ୍କୁ ଦିଆଯାଇପାରେ ।
- ସପ୍ତାହକୁ ୨ ଥର ପ୍ରତ୍ୟେକ ଥର ଗୋଟିଏ ଲେଖଏଁ ଦେବା ।
- କ୍ରେସ୍‌ରେ ରୋଷେଇ ଏବଂ ଖାଇବା ପରଶୁଥିବା ବ୍ୟକ୍ତିମାନେ ପିଲାମାନଙ୍କୁ ସେମାନଙ୍କର ବୟସ ଅନୁସାରେ କେତେ ପରିମାଣରେ ସମ୍ପୂର୍ଣ୍ଣ ଜ୍ଞାନ ଥିବା ଦରକାର ।
- ପ୍ରତ୍ୟେକ ଶିଶୁମାନେ ଯେଭଳି ପର୍ଯ୍ୟାପ୍ତ ପରିମାଣର ନିରାପଦ ପାଣି ପିଇବେ ସେଥିପ୍ରତି ଯତ୍ନ ନେବା ଆବଶ୍ୟକ ।
- ରୋଷେଇ ପାଇଁ ବ୍ୟବହାର ହେବାକୁ ଥିବା ପନିପରିବାକୁ ପ୍ରଥମେ ଭଲଭାବେ ଧୋଇ ତାପରେ କାଟିବା ଉଚିତ୍ ।
- ଉ□ମ ସ୍ୱାସ୍ଥ୍ୟ ରକ୍ଷା ଅଭ୍ୟାସର ଏକ ଅଙ୍ଗ ଭାବରେ ରୋଷେଇ କରିବା ଖାଦ୍ୟ ବାଢ଼ିବା ଏବଂ ପିଲାଙ୍କୁ ଶୁଆଇବା ପୂର୍ବରୁ ଭଲଭାବେ ହାତ ଧୋଇବା ଆବଶ୍ୟକ । ଖାଦ୍ୟ ପଦାର୍ଥକୁ ସବୁବେଳେ ଢ଼ାଙ୍କି କରି ବା ଘୋଡ଼ାଇ ରଖିବା ନିତାନ୍ତ ଦରକାର । ରୋଷେଇ କରିବା କିମ୍ବା ଖାଦ୍ୟ ବାଢ଼ିବା ବେଳେ ବ୍ୟବହାର କରିବା ଅତ୍ୟନ୍ତ ଆବଶ୍ୟକ ।

**ବିଭାଗ : (ii) ଦ୍ୱିପ୍ରହର ଖାଇବା :**

- ଦ୍ୱିପହର ଖାଇବା ବା ଲ□ରେ ଖେଚେଡ଼ି ହେଉ କିମ୍ବା ଭାତ, ଡାଲି, ଡାଲମା ଯାଇପାରିବ । ଋତୁ ଅନୁସାରେ ମିଳୁଥିବା ପନିପରିବା ମଧ୍ୟ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯିବ । ସେହିଭଳି ଡାଲି ହେଉ କିମ୍ବା ପନିପରିବା ହେଉ ତାକୁ ଅଦଳ ବଦଳ କରି ରନ୍ଧା ଯାଇପାରିବ ତାହାହେଲେ ଶିଶୁମାନେ ଅନେକ ପ୍ରକାରର ସ୍ୱାଦ ଅନୁଭବ କରିପାରିବେ ଏବଂ ସହଜରେ ଖାଇପାରିବେ ।

- ଶିଶୁମାନଙ୍କର ପସନ୍ଦ ଅନୁସାରେ ଖାଇବା ତାଲିକାରେ ମାଛ, ମାଂସ, ଚିକେନ୍ (ସ୍ଥାନୀୟ ଅ□ଳରେ ଯଦି ସୁବିଧାରେ ମିଳୁଥାଏ) କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ । ମାଛ, ମାଂସ, ଚିକେନ୍ ସପ୍ତାହକୁ ୩ ଥର ଦିଆଯାଇପାରେ (କିନ୍ତୁ ସବୁଗୁଡ଼ିକ ଏକା ଥରକେ ଦିଆଯିବ ନାହିଁ) । ଭାତ ସହ ମାଛ ଅର୍ଥାତ୍ ଭାତ + ମାଛ କିମ୍ବା ଭାତ ସହ ମାଂସ ଅର୍ଥାତ୍ ଭାତ ଏବଂ ମାଂସ ତରକାରୀ କିମ୍ବା ଭାତ ଏବଂ ଚିକେନ୍ ତରକାରୀ, ମାଛ ଦେଲାବେଳେ ସେଥିରେ ଯେମିତି କ□ା ନରୁହେ ସେଥିପ୍ରତି ଯତ୍ନବାନ ହେବା ।

**ବିଭାଗ : (iii) ସକାଳ ଏବଂ ଓପରବେଳା ଜଳଖିଆ :**

- ଯେଉଁପିଲାମାନେ ଅତ୍ୟନ୍ତ କୁପୋଷିତ ଏବଂ ଯେଉଁମାନଙ୍କର ଓଜନରେ ବାରମ୍ବାର କମିବା, ବଢ଼ିବା ଲାଗି ରହିଛି ବା ସ୍ଥିର ରହିଛି ଏବଂ ସେମାନଙ୍କୁ ଯେତେବେଳେ ବାରମ୍ବାର ଖୁଆଇବାର ଆବଶ୍ୟକ ପଡ଼ିଥାଏ ସେତେବେଳେ ଆମକୁ ସେମାନଙ୍କୁ ଛତୁଆ ଦେବାକୁ ଦେବାକୁ ହେବ । ଏଇ ନ୍ୟୁଟ୍ରି ମିକ୍ସକୁ ସ୍ଥାନୀୟ ସ୍ତରରେ ମଧ୍ୟ ପ୍ରସ୍ତୁତ କରାଯାଇପାରିବ । ନିମ୍ନରେ ଏକ ନ୍ୟୁଟ୍ରିମିକ୍ସ ଏବଂ ସ୍ୟାକ୍ ମିକ୍ସର ଉଦାହରଣ ଦିଆଗଲା ।

- ସ୍ୟାକ୍‌ମିକ୍ସ (ଛତୁଆ) ପ୍ରସ୍ତୁତି ପ୍ରଣାଳୀ : ଏହା ଚାଉଳ, ଗହମ ବୁଟ ଓ ଚିନିକୁ ଯଥାକ୍ରମେ ୧:୧:୧:୨ ଅନୁପାତରେ ମିଶାଯାଇ ପ୍ରଥମେ ଚାଉଳ, ଗହମ ଓ ବୁଟକୁ ଭାଜି ଭଲଭାବେ ଗୁଣ୍ଡକରି ତାକୁ ଏକ ଉପଯୁକ୍ତ ଡିବା/ପାତ୍ରରେ ରଖି ଡବା ବା ପାତ୍ରଟିର ମୁହଁକୁ ଠିପିର ଭଲଭାବେ ବନ୍ଦ କରି ରଖିବା ଉଚିତ । ଡବାରେ ରଖିବା ପୂର୍ବରୁ ଭଲଭାବେ ଡବାକୁ ଖୁଆଇବା ଉଚିତ୍ ଯେଭଳି କି କୌଣସି ପାଣି ଓ ଓଦା ଅଂଶ ଲାଗି ରହିବା ନାହିଁ । ପ୍ରତି ୧୦୦ ଗ୍ରାମ୍ ସ୍ୟାଟ୍ ମିକ୍ସରେ ୩୦୦ କିଲୋ କ୍ୟାଲୋରି ଶକ୍ତି ଏନର୍ଜି ଏବଂ ୮ ଗ୍ରାମ୍ ପ୍ରୋଟିନ୍ ରହିଥାଏ ।

- ନ୍ୟୁଟ୍ରିମିକ୍ସ ପ୍ରସ୍ତୁତି ପ୍ରଣାଳୀ : ଏହା ଚାଉଳ କିମ୍ବା ଗହମ, ବୁଟ କିମ୍ବା ବିରି/ଚିନି ଏବଂ ରେଜିଟେବ୍‌ଲ ତେଲକୁ ନେଇ ପ୍ରସ୍ତୁତ କରାଯାଇଥାଏ । ଚାଉଳ/ଗହମ ଓ ଡାଲି ଜାତୀୟ ପଦାର୍ଥ ଯଥା ମୁଗ/ବିରି/ବୁଟର ଅନୁପାତ ଯଥାକ୍ରମେ ୪:୧ (୪୦୦ ଗ୍ରାମ ଏବଂ ୧୦୦ ଗ୍ରାମ ହିସାବରେ) ରହିବା ଆବଶ୍ୟକ । ପ୍ରଥମେ ଏହିସବୁ ଜିନିଷକୁ ଉପଯୁକ୍ତ ଅନୁପାତ ହିସାବରେ ଓଜନ କରି ଅଲଗା ଅଲଗା ଭାବେ ଭାଜି ଗୁଣ୍ଡ କରି ମିଶାଇ ଦିଆଯାଏ ।

- ପ୍ରତି ନ୍ୟୁଟ୍ରିମିକ୍ସରେ ୧୨୦ ରୁ ୧୫୦ କିଲୋ କ୍ୟାଲୋରି ପର୍ଯ୍ୟନ୍ତ ଏନର୍ଜି ଏବଂ ୨-୩ ଗ୍ରାମ୍ ପ୍ରୋଟିନ୍ ରହିଥାଏ । ଏହି ନ୍ୟୁଟ୍ରିମିକ୍ସକୁ ଆହୁରି ଶକ୍ତିଯୁକ୍ତ କରିବାକୁ ହେଲେ ଏଥିରେ ଋତୁ ଅନୁଯାୟୀ ଫଳମୂଳ ସବୁକୁ ଘୋଡ଼ାଯାଇପାରିବ ।

- ଗହମ ଓ ଚାଉଳ ବଦଳରେ ଅନ୍ୟାନ୍ୟ ଶସ୍ୟ ଯଥା ମାଣ୍ଡିଆକୁ ମଧ୍ୟ ବ୍ୟବହାର କରାଯାଇପାରେ କିନ୍ତୁ ଯେହେତୁ ବୁଟ/ମୁଗ/ବିରି ପ୍ରସ୍ତୁତିରେ ପ୍ରୋଟିନ୍ ଅଂଶ ଅଧିକ ଥାଏ ତେଣୁ ଏହାସବୁ ଶସ୍ୟକୁ ଆପାତଃ ଉପଯୁକ୍ତ ଖାଦ୍ୟଭାବେ ଗ୍ରହଣ କରାଯାଇଛି ।

- ସେହିଭଳି ଚିନି ବଦଳରେ ଗୁଡ଼କୁ ମଧ୍ୟ ବ୍ୟବହାର କରାଯାଇପାରେ କିନ୍ତୁ ଗୁଡ଼ ଅତି ବେଶିରେ ୨-୩ ଦିନ ପର୍ଯ୍ୟନ୍ତ ଉପଯୁକ୍ତ ଅବସ୍ଥାରେ ରହୁଥିବାରୁ ୧୦ରୁ ଅଧିକ ଦିନ ପର୍ଯ୍ୟନ୍ତ ତାକୁ ସାଇତି ରଖାଯାଇପାରିବ ନାହିଁ ।

- ସବୁବେଳେ ଛତୁଆ ଗୁଣ୍ଡକୁ ଉପଯୁକ୍ତ ଡ଼ବାରେ ରଖିବା ଏବଂ ଡବାକୁ ଭଲଭାବେ ଶୁଖାଇ ଓଦା ନରଖି ଠିପିକୁ ଭଲଭାବେ ବନ୍ଦ କରିବା ଯେଭଳି କି ତା ଭିତରକୁ ବାୟୁ ପ୍ରବେଶ ନକରେ ।
- ଏସବୁ ଛତୁଆକୁ କ୍ରେସ୍ ସ୍ତରରେ ପ୍ରସ୍ତୁତ କରି ୨/୩ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ କିନ୍ତୁ ଉପଯୁକ୍ତ ଭାବେ ବନ୍ଦ କରି ଡବାରେ ରଖି ଖାଇଲେ ଏହାକୁ ଅଧିକ ଦିନ ପର୍ଯ୍ୟନ୍ତ ରଖି ବ୍ୟବହାର କରିହେବ ।
- ଖାଇବାକୁ ଦେଲାବେଳେ ଏହି ଗୁଣ୍ଡ/ଛତୁଆକୁ ଗରମ ପାଣି/ଥଣ୍ଡା ପାଣି/କ୍ଷୀରରେ ମିଶାଇ ଭଲଭାବେ ଗୋଳାଇ ପେଷ୍ଟରେ ପରିଣତ କରି ଶିଶୁଟିକୁ ଖାଇବାକୁ ଦିଆଯିବା ଉଚିତ୍ ।
- ଏହି ଛତୁଆ/ଗୁଣ୍ଡକୁ ଗୋଳାଇବା ବେଳେ ଦେଖିବା ଦରକାର ଯେ ଏହା ଶିଶୁଟି ଖାଇବା ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ । ଶିଶୁଟି ଯେଭଳି ସୁବିଧାରେ ଢ଼ୋକି ପାରିବ ସେହିଭଳି ଢଙ୍ଗରେ ଛତୁଆକୁ ପ୍ରସ୍ତୁତ କରିବା ଆବଶ୍ୟକ ।
- ଖେଚୁଡ଼ି କିମ୍ବା ସୁଜି/ହାଲୁଆ ମଧ୍ୟ ଦିଆଯାଇପାରେ । ସକାଳ ଏବଂ ଉପରବେଳା ଜଳଖିଆ ସମୟରେ ସିଝା ଅଣ୍ଡା କିମ୍ବା ଅମ୍ଲେଟ୍ (ଶିଶୁର ପସନ୍ଦ ଅନୁସାରେ) ମଧ୍ୟ ଦିଆଯିବା ଉଚିତ୍ ।
- ଓପରବେଳା ଜଳଖିଆ (ସ୍ନାକ୍ସ)ରେ ମଧ୍ୟ ଆମେ ନିମ୍ନଲିଖିତ ଯେ କୌଣସି ଗୋଟିଏ ଜିନିଷକୁ ପିଲାମାନଙ୍କୁ ଦେଇପାରିବା- ଗୁଡ଼ରେ ତିଆରି ବାଦାମ କିମ୍ବା ରାଶିଲଡୁ (ଭଜା ବାଦାମ)
- ସପ୍ତାହକୁ ଅତ୍ୟନ୍ତ ପକ୍ଷେ ୩ ଥର ଭାବେ ସୁଜି ହାଲୱା/ଅଟା ପ୍ରସ୍ତୁତ
- ପର୍ବପର୍ବାଣୀ ଦିନମାନଙ୍କରେ ଆଳୁ ଚିପ୍ସ, ଚିକେନ୍ ପକଡ଼ା
- ଫଳମୂଳ ଯଥା : କଦଳୀ, ଅମୃତ ଭଣ୍ଡା, ପିଜୁଳି, ଆମ୍ବ ଏବଂ ବିଭିନ୍ନ ଋତୁରେ ହେଉଥିବା ଅନ୍ୟାନ୍ୟ ଫଳ ।

**ବିଭାଗ (୪) ତେଲ ବ୍ୟବହାର ପାଇଁ ସାଧାରଣ ନିୟମ/ନିର୍ଦ୍ଦେଶାବଳୀ**

(କ) କ୍ରେସରେ ଥିବା ସମସ୍ତ ପିଲାଙ୍କ ପାଇଁ

ସକାଳ : ସକାଳ ଜଳଖିଆରେ ଛତୁଆ କିମ୍ବା ସୁଜିରେ ପ୍ରତି ପିଲା ଅଧଚାମୁଚ ହିସାବରେ ରୋଷେଇ କିମ୍ବା ପ୍ରସ୍ତୁତିବେଳେ ବ୍ୟବହାର କରିବା ଆବଶ୍ୟକ ।

ଦ୍ୱିପହର ଖାଇବା : ପ୍ରତିପିଲା ପ୍ରତି ୧ ଚାମଚ ହିସାବରେ ରାନ୍ଧିବା ସମୟର ତେଲ ବ୍ୟବହାର କରିବେ ।

ଉପରବେଳା ଜଳଖିଆ : ସୁଜି କିମ୍ବା ଅନ୍ୟାନ୍ୟ ଜଳଖିଆରେ ପ୍ରତି ପିଲାକୁ ସେହିଭଳି ଅଧ ଚାମଚ ହିସାବରେ ତେଲ ବ୍ୟବହାର କରିବା ।

(ଖ) ଅତି ଦିର୍ବଳ () ଶିଶୁ ଏବଂ ଯେଉଁ ଶିଶୁମାନଙ୍କର ବୃଦ୍ଧିରେ କ୍ରମାଗତ ଭାବେ ଖରାପ ପ୍ରଦର୍ଶନ ହେଉଛି (ଗ୍ରୋଥ୍ ଫଲଟରିଂ) ତଥା ସାମ୍ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଏବଂ ଯତ୍ନ :

ଏହି ପିଲାମାନଙ୍କୁ ଅନ୍ୟ ସମସ୍ତ ପିଲାମାନଙ୍କ ଭଳି ଖାଦ୍ୟ ଦିଆଯିବ ଏତଦ୍‌ବ୍ୟତୀତ ଏହି ବର୍ଗର ପିଲାମାନଙ୍କୁ ନିମ୍ନମତେ ଖାଇବା ପଦାର୍ଥ ସେବା ସମୟରେ ଖାଇବାର ଉପର ଅଂଶରେ କିଛି ମାତ୍ରାରେ ଅତିରିକ୍ତ ତେଲ ଦେବାକୁ ହୋଇଥାଏ ।

ସକାଳ ଜଳଖିଆ ଉପରେ ଅଧ (୧/୨) ଚାମଚ (ଚା ଚାମଚାରେ)

ଦ୍ୱିପ୍ରହର ଖାଇବାରେ ଅଧ (୧/୨) ଚାମଚ (ଚା ଚାମଚରେ)

ଓପରବେଳା ଜଳଖିଆରେ ଅଧା (୧/୨) ଚାମଚ

ଏହି ବର୍ଗର ପିଲାମାନେ ସେମାନଙ୍କର ଖାଇବାକୁ ଏକା ଥରକେ ଖାଇ ନପାରନ୍ତି । ତେଣୁ ଆବଶ୍ୟକସ୍ଥଳେ ସେମାନଙ୍କୁ ଥର ଥର କରି କିଛି ଅଳ୍ପ ସମୟ ବ୍ୟବଧାନରେ ଖାଇବାକୁ ଦେବାକୁ ହୋଇଥାଏ । ଯଦି କେହି ପିଲା ଅଧିକା ଖାଇବାକୁ ଆଗ୍ରହ ଦେଖାଏ, ତେବେ ତାହା ମଧ୍ୟ ତାକୁ ଦିଆଯିବା ଦରକାର ।

ମୋଟାମୋଟିଭାବେ କହିଲେ ଆମକୁ ପ୍ରତି ପିଲାକୁ ଦିନ ପିଛା ଅଧିକ ୨ ଚାମଚ ତେଲ ଖାଦ୍ୟରେ ଖାଇବାକୁ ଦେବା ଉଚିତ୍ ।

କୌଣସି ପିଲାକୁ ତରଳ ଝାଡ଼ା ହେଉଥାଏ ତେବେ ସେହି ସମୟରେ ତାକୁ ତେଲର ମାତ୍ରା କମ୍ କରି ଖାଇବାକୁ ଦେବାକୁ ହୋଇଥାଏ । ଏଭଳି ଧରଣର ପିଲାଙ୍କୁ ମଧ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର /ଏ ଏନ୍ ଏମ୍ ଦିଦିଙ୍କ ପାଖକୁ ପଠାଇ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ହେବ । ଯଦି ପିଲାଙ୍କୁ କୌଣସି ଆଇରନ୍ କିମ୍ୱା ମଲ୍‌ଟି ଭିଟାମିନ୍ ଦେବାଲାଗି ସ୍ୱାସ୍ଥ୍ୟକେନ୍ଦ୍ରର ପରାମର୍ଶ ଦେଇଥାନ୍ତି ତେବେ ତାକୁ ମଧ୍ୟ ଦିଆଯିବା ଦରକାର ।

**ବିଭାଗ (IV) ଅନ୍ୟାନ୍ୟ ପରାମର୍ଶ**

ପିଲାଙ୍କ ଖାଇବା ଲାଗି କ୍ରେସ୍‌ର ଘର ଚଟାଣ କଣରେ ଆମେ ମଧ୍ୟ କିଛି ଶୁଖିଲା ଖାଦ୍ୟ ରଖିପାରିବା ତେବେ ସେଇ ସବୁ ଖାଦ୍ୟ ପୃଷ୍ଟିଯୁକ୍ତ ହୋଇଥିବ ଏବଂ ପିଲାମାନଙ୍କର ପସନ୍ଦ ଯୋଗ୍ୟ ହେବା ଆବଶ୍ୟକ । ଏସବୁ ଶୁଖିଲା ଖାଦ୍ୟ କିଛି ଦିନ ଧରି ଯେଭଳି ତାଜା ଅବସ୍ଥାରେ ରହେ ସେଥିପ୍ରତି ଦୃଷ୍ଟି ଦେବା ଦରକାର । ଏହି ଖାଦ୍ୟକୁ ପିଲାମାନେ ନିଜେ ନେଇ ଖାଇପାରିବେ ଏବଂ ବଡ଼ମାନଙ୍କର ଜଗାରଖା ଦରକାରର ଆବଶ୍ୟକ ପଡ଼ିବ ନାହିଁ ସେଥିପ୍ରତି ଦୃଷ୍ଟି ଦେବା ଦରକାର (ଲଡୁ, ମୁଆଁ, ରାଶି ଲଡୁ, ମୁଢ଼ି ଚୂଡ଼ା ଭଜା, ଆରିସା ପିଠା ଇତ୍ୟାଦି) ।

ସବୁବେଳେ ଦୃଷ୍ଟି ଦେବା ଦରକାର ଯେ କ୍ରେସ୍ କର୍ମୀ ପିଲାମାନଙ୍କୁ ଖାଇବାକୁ ଦେବା ପୂର୍ବରୁ ନିଜର ହାତ ତଥା ପିଲାମାନଙ୍କର ହାତକୁ ଭଲ ଭାବେ ଧୋଇ ସଫା କରିବେ ।

କୌଣସି ଖାଦ୍ୟପଦାର୍ଥ ତଳେ ପଡ଼ିଗଲେ ତାକୁ ଆଣି ଖାଇବେ ନାହିଁ ।

# ଗ୍ରୋଥ୍ ଫଲଟ୍ରିଂ ବା ବୃଦ୍ଧିରେ ତାରତମ୍ୟ ପାଇଁ ନିର୍ଦ୍ଦେଶାବଳୀ

**(୧) ଗ୍ରୋଥ୍ ଫଲଟ୍ରିଂ ପିଲାମାନଙ୍କୁ ଚିହ୍ନଟ କରିବା :**

- ପ୍ରତ୍ୟେକ ମାସରେ ପ୍ରତ୍ୟେକ ଶିଶୁଙ୍କୁ ଥରେ ଓଜନ କରାଯାଇଥାଏ ଏବଂ ଏହି ଓଜନକୁ ବୃଦ୍ଧି ଚାର୍ଟରେ ପ୍ଲଟିଂ ମାଧ୍ୟମରେ ଦର୍ଶାଇ ଦିଆଯାଇଥାଏ । (ଏହି ବୃଦ୍ଧି ଚାର୍ଟଟି ପ୍ରତି କ୍ରେସ୍‌ରେ ରହିଥାଏ)
- ବୃଦ୍ଧି ଚାର୍ଟରେ ପ୍ରତି ମାସରେ ଦିଆଯାଇଥିବା ବିନ୍ଦୁକୁ ସଂଯୋଗ କରାଯାଇ ଯାହା ଫଳରେ ସେଇଟି ଏକ ରେଖାଚିତ୍ର ଆକାରରେ ଦେଖାଯାଇଥାଏ ।
- ବୃଦ୍ଧି ରେଖାଟିର ଗତି/ଆକାର ଜେଡ୍ ସ୍କୋର୍ ସହ ସମାନ୍ତରଳ ଭାବେ ଗତି କରିଥାଏ । ଏହି ଜେଡ୍ ସ୍କୋର ଗୁଡ଼ିକ ହେଲା ୦-୧, ୧-୨, ୨-୩ ଇତ୍ୟାଦି ।
- ଏହି ବୃଦ୍ଧି ରେଖାଟି ଯେତେବେଳେ ନିମ୍ନମୁଖୀ ହୋଇଗତି କରିଥାଏ କିମ୍ବା ସେଇ ଗୋଟିଏ ଲାଇନ୍‌ରେ ସ୍ଥିର ରହିଯାଏ ତେବେ ସେହି ପିଲାଟିର ଗ୍ରୋଥ୍ ଫଲଟିଂର ହୋଇଛି ବୋଲି କୁହାଯାଏ । କ୍ରେସ୍‌ରେ ଏଭଳି ପିଲାମାନଙ୍କୁ ଚିହ୍ନିବାକୁ ହେଲେ ଆମକୁ ବୃଦ୍ଧି ଚାର୍ଟକୁ ଭଲଭାବେ ନିରିକ୍ଷଣ କରିବାକୁ ହେବ ଏବଂ ଦେଖିବାକୁ ହେବ ବୃଦ୍ଧି ରେଖାଟି ଚାର୍ଟରେ ଦିଆଯାଇଥିବା ଜେଡ୍ ସ୍କୋର ଅନୁସାରେ କିଭଳି ଭାବେ ଗତି କରୁଛି ଅର୍ଥାତ୍ ରେଖାଟି ନିମ୍ନମୁଖୀ ହୋଇଛି କିମ୍ବା ସମାନ୍ତରାଳଭାବେ ଗତି କରିଛି ।

**(୨) ଗ୍ରୋଥ୍‌ଫଲଟରିଂ ପାଇଁ କଣ ପଦକ୍ଷେପ ନିଆଯିବ :**

- ଥରେ ଗୋଟିଏ ପିଲା ଗ୍ରୋଥ୍ ଫଲ୍‌ଟରିଂ ହୋଇଛି ବୋଲି ଜଣାପଡ଼ିଲେ ସେଥିପାଇଁ ପ୍ରଥମେ ଆମକୁ ଏଥିପାଇଁ ଉଦ୍ଦିଷ୍ଟ ଫର୍ମଟିକୁ ତୁରନ୍ତ ପୂରଣ କରିବାକୁ ପଡ଼ିବ ।
- ପ୍ରଥମ ମାସରେ ଆମକୁ ନିଶ୍ଚିତ କରିବାକୁ ହେବ ଯେ, ଶିଶୁଟିର ଅଧିକ ଯତ୍ନ ନିଆଯାଉଛି ସେ ଠିକ୍ ଭାବେ ଖାଇବା ପିଇବା କରୁଛି ତା ପାଇଁ ସ୍ୱତନ୍ତ୍ର ପୃଷ୍ଟିର ବ୍ୟବସ୍ଥା କରାଯାଇଛି (ଆଦ୍ୟରେ ଆବଶ୍ୟକ ଅନୁପାତରେ ତେଲ ଦିଆଯାଉଛି)
- ପିଲା ନିୟମିତ ଭାବେ କ୍ରେସ୍‌କୁ ଆସୁଛି କିମ୍ବା ଯତ୍ନ ନେଉଥିବା ବ୍ୟକ୍ତି ପି.ଏଲ୍.ଏ. ଫ୍ୟାସିଲିନେଟର ଠିକ୍ ଭାବେ ପିଲାଙ୍କର ମାଙ୍କୁ ଉପଯୁକ୍ତ ପରାମର୍ଶ ବା କାଉନେସେଲିଂ କରୁଛନ୍ତି ଏବଂ ପିଲାଙ୍କର ପୃଷ୍ଟି ସକାସେ ଉପଯୁକ୍ତ ଧ୍ୟାନ ଦେବା ସକାସେ ମଧ୍ୟ କାଉନ୍‌ସେଲିଂ କରୁଛନ୍ତି ।
- ମାଲେରିଆ ପ୍ରବଣ ଅ□ଳ ହୋଇଥିଲେ ଏଭଳି ଗ୍ରୋଥ୍ ଫଲ୍‌ଟରିଂ ହୋଇଥିବା ପିଲାମାନଙ୍କର ରକ୍ତ ପରୀକ୍ଷା (ମାଲେରିଆ ଟେଷ୍ଟ) କରାଇନେବା ନିହାତି ଆବଶ୍ୟକ । ଅନ୍ୟାନ୍ୟ କୌଣସି ଲକ୍ଷଣ ପ୍ରକାଶ ପାଉ କି ନ ପାଉ ରକ୍ତ ପରୀକ୍ଷା ନିହାତି ଆବଶ୍ୟକ ।
- ଯଦି ପିଲାଟି ୬ ମାସରୁ କମ୍ ବୟସର ହୋଇଥାଏ ଏବଂ ତାର ୧ ମାସ ମଧ୍ୟରେ ଓଜନରେ ବୃଦ୍ଧି ନ ଘଟେ ତେବେ ତାକୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ଉଚିତ୍ ।
- ଯଦି ପିଲାଟି ୬ ମାସରୁ ଅଧିକ ବୟସର ହୋଇଥାଏ ଏବଂ କ୍ରମାଗତ ଭାବେ ଦ୍ୱିତୀୟ ମାସରେ ମଧ୍ୟ ଗ୍ରୋଥ୍ ଫଲଟରିଂ ଲାଗି ରହେ ତେବେ ତାକୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ପାଇଁ ବନ୍ଦୋବସ୍ତ କରାଯାଇଥାଏ ।

- କେସ୍‌ରେ ପିଲାଙ୍କୁ ସ୍ୱତନ୍ତ୍ର ପୃଷ୍ଟିର ତ୍ତ୍ୱାବଧାନରେ ରଖାଯିବା ଦରକାର ଅର୍ଥାତ୍ ଖାଦ୍ୟରେ ଆବଶ୍ୟକ ପରିମାଣରେ ତେଲ ମିଶାଇ ଖାଇବାକୁ ଦିଆଯିବା ଆବଶ୍ୟକ । ଯେଉଁ ପର୍ଯ୍ୟନ୍ତ ପିଲା ଆବଶ୍ୟକୀୟ ଓଜନ ହାସଲ କରିନାହିଁ (ଅର୍ଥାତ୍ ଗ୍ରୋଥ୍ ଫଲ୍‌ଟରିଂରୁ ମୁକ୍ତ ହୋଇନାହିଁ) ସେ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ପୃଷ୍ଟି ଯୋଗାଣ ପ୍ରତି ଧ୍ୟାନ ଦିଆଯିବା ଦରକାର ଅର୍ଥାତ୍ କ୍ରମାଗତ ଭାବେ ୨ ମାସ ପର୍ଯ୍ୟନ୍ତ ଯଦି ଉପଯୁକ୍ତ ବୃଦ୍ଧିରେଖାରେ ରହିବା ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ପୃଷ୍ଟିଯୁକ୍ତ ଯତ୍ନର ଆବଶ୍ୟକତା ରହିଛି (ମିଲ୍ ପ୍ଲାନିଂ ବା ଖାଦ୍ୟ ସରଣୀ ପାଇଁ ଉଦ୍ଦିଷ୍ଟ ନିୟମାବଳୀକୁ ଅନୁସରଣ କରାଯିବ) (ଖ)ରେ ଥିବା ସ୍ୱତନ୍ତ୍ର ପୃଷ୍ଟି ଓଜନ ବିଷୟରେ ଦୃଷ୍ଟି ରଖିବା ଆବଶ୍ୟକ । (ଗ୍ରୋଥ୍ ଫଲ୍‌ଟରିଂ ପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରାଯିବ)

# ଗ୍ରୋଥ୍ ଫଲଟରିଂ ସଂକ୍ରାନ୍ତ ନିତୀନିୟମ ବା ପ୍ରୋଟ୍‌କଲ

୧. ଶିଶୁର ନାମ :

୨. ଗ୍ରାମର ନାମ :

୩. ବୟସ :

୪. ଲିଙ୍ଗ :

୫. ଚିହ୍ନଟ କରିବା ତାରିଖ : (dd/mm/yyyy)

| | ଚଳିତ ମାସର ନାମ | ପୂର୍ବ ମାସର ନାମ | ତା ପୂର୍ବ ମାସର ନାମ |
|---|---|---|---|
| ଓଜନ<br>(କିଲୋ ଗ୍ରାମ ଅନୁସାରେ) | | | |

୬. ଗତ ମାସରେ ଶିଶୁଟି ଅସୁସ୍ଥ ଥିଲା କି : (କ) ହଁ (ଖ) ନାହିଁ

୭. କେଉଁ ପ୍ରକାରର ଅସୁସ୍ଥତା

୮. କେତେ ଦିନ ଧରି ଅସୁସ୍ଥ ଥିଲେ

ପ୍ରତ୍ୟେକ ଗ୍ରୋଥ୍ ଫଲଟରିଂ ଶିଶୁକୁ ସ୍ୱତନ୍ତ୍ର ପୃଷ୍ଟି ଓ ଯତ୍ନ ଦିଆଯିବା ଆବଶ୍ୟକ । ଅର୍ଥାତ୍ ଖାଦ୍ୟରେ ଉପଯୁକ୍ତ ତେଲ ମିଶାଇ ଖାଇବାକୁଦେବା । (ଏଥିପାଇଁ ଖାଦ୍ୟ ସାରଣୀର ବିଭାଗ IV ଖ ରେ ଥିବା ନୀତି ନିୟମକୁ ଅନୁସରଣ କରନ୍ତୁ) ଏହାଛଡ଼ା ଶିଶୁଟି ତାର ପ୍ରକୃତ ଓଜନ ହାସଲ କରିବା ପର୍ଯ୍ୟନ୍ତ ତାକୁ ସପ୍ତାହରେ ଥରେ ଓଜନ କରାନ୍ତୁ ଏବଂ ଏମ୍.ୟୁ.ଏ.ସି. ()ରେ ମାପ ନିଅନ୍ତୁ ।

ସାପ୍ତାହିକ ଓଜନ ବିବରଣୀ ଟେବୁଲ

| | ପ୍ରଥମ ସପ୍ତାହ | ଦ୍ୱିତୀୟ ସପ୍ତାହ | ତୃତୀୟ ସପ୍ତାହ | ଚତୁର୍ଥ ସପ୍ତାହ |
|---|---|---|---|---|
| ତାରିଖ | | | | |
| ଓଜନ | | | | |
| ଏମ୍.ୟୁ.ଏ.ସି. | | | | |

ବି:ଦ୍ର : ଶିଶୁଟିର ଓଜନ ଠିକ୍ ହେବା ପର୍ଯ୍ୟନ୍ତ ତାର ସ୍ୱତନ୍ତ୍ର ଖାଇବା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଅତ୍ୟନ୍ତ ଗଭୀରଭାବେ ତାର ଅନୁଧ୍ୟାନ କରନ୍ତୁ ।

ଶିଶୁକୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରେରଣ ସମୟ :

(କ) ୬ ମାସରୁ କମ୍ ବର୍ଷର ଶିଶୁ ଯଦି ୧ ମାସ ଭିତରେ ତାର ଉପଯୁକ୍ତ ଓଜନ ହାସଲ କରିପାରୁ ନାହିଁ

(ଖ) ୬ ମାସରୁ ଉର୍ଦ୍ଧ୍ୱ ବୟସର ଶିଶୁ ଯଦି କ୍ରମାଗତ ୨ ମାସ ପର୍ଯ୍ୟନ୍ତ ତାର ଉପଯୁକ୍ତ ଓଜନ ହାସଲ କରିପାରୁନାହିଁ

୧୦. ସ୍ୱାସ୍ଥ୍ୟ ପରୀକ୍ଷା ହୋଇ ସାରିବା ପରେ ନିମ୍ନଲିଖିତ ଜିନିଷକୁ ପୂରଣ କରନ୍ତୁ ।

କ) କେଉଁଠାକୁ ରେଫର କରାଯାଇଥିଲା

ଖ) ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ପାଖକୁ କେଉଁ ତାରିଖରେ ଯାଇଥିଲେ

ଗ) ମାଲେରିଆ ରକ୍ତ ପରୀକ୍ଷା କରାଯାଇଛି କି ? (ଯଦି କେସ୍‌ଟି ମାଲେରିଆ ପ୍ରବଣ ଅ□ଳରେ ଅବସ୍ଥିତ ହୋଇଥାଏ)

(କ) ହଁ (ଖ) ନାହିଁ

(ଘ) ହେଲଥ ଚେକ୍ ଅପ ବା ସ୍ୱାସ୍ଥ୍ୟ ପରୀକ୍ଷାର ରିପୋର୍ଟ

(ଙ) ଯଦି କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କୁ ଦେଖାଇ ନାହାନ୍ତି ତେବେ ତାର କାରଣ ....

ଯଦି କ୍ରମାଗତ ଭାବେ କୌଣସି ଶିଶୁର ଗ୍ରୋଥ୍ ଫଲଟରିଂ ୨ ମାସ ଧରି ଦେଖାଯାଉଛି ତେବେ ପି.ଏଲ.ଏ ଫ୍ୟାସିଲିଟେଟର ତୁରନ୍ତ ହୋମ୍‌ଭିଜଟ ବା ଗୃହ ପରିଦର୍ଶନ କରି ସମ୍ପୃକ୍ତ ଶିଶୁର ମା / ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ପରାମର୍ଶ ଦେବେ ।

(ଏଥିପାଇଁ ଫ୍ୟାସିଲିଟେଟର ଗୃହ ପରିଦର୍ଶନ ସଂକ୍ରାନ୍ତ ନୀତି ନିୟମକୁ ଅନୁସରଣ କରିବେ ପରିଦର୍ଶନ ବେଳର ବୀବରଣୀକୁ ରେକର୍ଡ କରିବେ ଏବଂ ଏହି ଫର୍ମ ସହ ସ୍ୱତନ୍ତ୍ର (ବ୍ୟକ୍ତିଗତ)ଫାଇଲ୍‌ରେ ସଜାଡି ରଖିବେ)

# ଅତି ଦୁର୍ବଳ ବା କୁପୋଷିତ ଶିଶୁମାନଙ୍କ ସକାସେ ନିୟମ

ବ□ମାନ ଆଇ.ସି.ଡି.ଏସ୍ () ଅତି କମ୍ ଓଜନ ବିଶିଷ୍ଟ ଶିଶୁମାନଙ୍କୁ ଚିହ୍ନଟ କରୁଛି ଏବଂ ସେମାନଙ୍କର ... ଚିହ୍ନଟ ପାଇଁ ଏନ ଆର ସି ବା ଏମଟିସିକୁ ପ୍ରେରଣ କରୁଛି ତେଣୁ ଆମକୁ ଆମ କ୍ରେସ୍ ପାଇଁ ମଧ୍ୟ ସମାନ ଧରଣର କାମ କରିବାକୁ ପଡ଼ିବ ।

ସମସ୍ତ ଅତ୍ୟନ୍ତ କମ୍ ଓଜନ ବିଶିଷ୍ଟ ଶିଶୁ ମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ପଠାଇବାକୁ ହେବ ଏବଂ ନିମ୍ନଲିଖିତ ନୀତି ନିୟମଗୁଡ଼ିକୁ ପାଳନ କରିବାକୁ ହେବ । ପୁଣି ଯେଉଁମାନଙ୍କର ଏମ୍.ୟୁ.ସି. ମାପରେ ଲାଲ୍ ବର୍ଗରେ ଆସିବେ ସେମାନଙ୍କ କ୍ଷେତ୍ରରେ ମଧ୍ୟ ଏହି ଏକା ନିୟମ ନୀତିକୁ ପାଳନ କରିବାକୁ ହେବ ।

ପ୍ରଥମ ମାସରେ ଆମର ଏମ.ଆଇ.ଏସ୍ () ଆଧାରରେ ସବୁ ଅତି ଦୁର୍ବଳ ଶିଶୁମାନଙ୍କର ଏକ ତାଲିକା (ଓଜନ ଏବଂ ଉଚ୍ଚତାକୁ କ୍ରେସ୍ ମାନଙ୍କୁ ପଠାଇ ଦିଆଯିବ ଯାହାଫଳରେ ଯଦି କେଉଁ ଶିଶୁଟି ଛାଡ଼ି ହୋଇଥାଏ, ତେବେ ଯତ୍ନ ମଧ୍ୟ ନିଆଯାଇପାରିବ ।

୧. ଶିଶୁର ନାମ

୨. ଗାଁର ନାମ

୩. ବୟସ (ମାସ ଅନୁସାରେ)

୪. ଲିଙ୍ଗ

୫. ଚିହ୍ନଟ ତାରିଖ (dd/mm/yyyy)

୬. ଓଜନ (କେ.ଜି.)

୭. ଉଚ୍ଚତା (ସେ□ମିଟରରେ)

୮. ଏମ୍.ୟୁ.ଏ.ସି. (ସେ□ମିଟରରେ)

୯. ଶିଶୁଟି ଅଙ୍ଗନବାଡ଼ି କେନ୍ଦ୍ରକୁ ପଠାଯାଇଛି କି ? ହଁ ନାହିଁ

୧୦. ଯଦି ଶିଶୁଟି ଅତ୍ୟନ୍ତ କମ ଓଜନର ହୋଇଥାଏ କିନ୍ତୁ କ୍ରେସ୍‌କୁ ଆସୁଛି, ଠିକ୍ ଭାବେ ଖାଉଛି ଏବଂ ସକ୍ରିୟ ଅଛି ତେବେ ଶିଶୁଟିକୁ ସ୍ୱତନ୍ତ୍ର ପୁଷ୍ଟି ଯତ୍ନ (ଖାଇବାରେ ଉପଯୁକ୍ତ ଅନରିକ୍ତ ଦେଲ ଦେବା) ସହ ତାକୁ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରିବା, ଏମ.ୟୁ.ଏସି ମାପ ନେବା ଏବଂ ଯେ ପର୍ଯ୍ୟନ୍ତ ଶିଶୁଟି ଅତି କୁପୋଷିତ ବର୍ଗରୁ ମୁକ୍ତି ନ ପାଇଛି ସେ ପର୍ଯ୍ୟନ୍ତ ତାକୁ ସ୍ୱତନ୍ତ୍ର ପୃଷ୍ଟି ଏବଂ ଯତ୍ନ ଦେବାକୁ ବଜାୟ ରଖିବା (ଏଥିପାଇଁ ଖାଦ୍ୟ ସାରଣୀ ସଂକ୍ରାନ୍ତ ନୀତି ନିୟମର IV-(ଖ)ଯେଉଁଥିରେ ସ୍ୱତନ୍ତ୍ର ପୃଷ୍ଟି ଓ ଯତ୍ନ ବିଷୟରେ କୁହାଯାଇଛି ତାକୁ ଅନୁସରଣ କରିବା ଉଚିତ୍) ।

| | | | | |
|---|---|---|---|---|
| ତାରିଖ | | | | |
| ଓଜନ | | | | |
| ଏମ୍.ୟୁ.ଏ.ସି. | | | | |

ବିଦ୍ର : ଶିଶୁଟିର ଓଜନ ଠିକ୍ ହେବା ପର୍ଯ୍ୟନ୍ତ ତାର ସ୍ୱତନ୍ତ୍ର ଖାଇବା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଅତ୍ୟନ୍ତ ଗଭୀର ଭାବେ ତାର ମନିଟରିଂ ବା ଅନୁଧ୍ୟାନ କରନ୍ତୁ ।

ଏଭଳି ସ୍ଥିତିରେ ପି ଏଲ ଏ ଫ୍ୟାସିଲିଟେଟର ହୋମଭିଜନ୍ ବା ଗୃହ ପରିଦର୍ଶନ ସଂକ୍ରାନ୍ତ ନିୟମାବଳୀକୁ ଅନୁସରଣ କରି ଗୃହ ପରିଦର୍ଶନ କରନ୍ତୁ । ପରିଦର୍ଶନ ବେଳର ତଥ୍ୟ ସବୁକୁ ରେକର୍ଡ଼ କରନ୍ତୁ ଏବଂ ତାକୁ ଏହି ପୂରଣ ହୋଇଥିବା ଫର୍ମ ସହ ଏକ ସ୍ୱତନ୍ତ୍ର (ବ୍ୟକ୍ତିଗତ) ଫାଇଲରେ ସଜାଡ଼ି ରଖନ୍ତୁ ।

୧୧. ପ୍ରତ୍ୟେକ ଅତିକମ ଓଜନ ବିଶିଷ୍ଟ ଶିଶୁ ଯେଉଁମାନଙ୍କ ଠାରେ ନିମ୍ନୋକ୍ତ ଲକ୍ଷଣମାନ ଦେଖା ଦେଉଛି ସେମାନଙ୍କୁ ଚିକିତ୍ସା ଏବଂ ସାମ୍ର ଚିହ୍ନଟ କରିବା ପାଇଁ ନିକଟସ୍ଥ ଏନ.ଆଇ.ସି. ବା ଏମ୍.ଟି.ସି.କୁ ପଠାଯିବା ଆବଶ୍ୟକ । (ଲକ୍ଷଣକୁ ଚିହ୍ନଟ କରି ଟିକ୍ ଚିହ୍ନ ଦିଅନ୍ତୁ)

ରେଫରାଲ ବା ଶିଶୁଟିକୁ ରେଫର କଲାବେଳେ ନିମ୍ନଲିଖିତ ତଥ୍ୟ ରଖନ୍ତୁ-

| ଦୁର୍ବଳ ଖାଇବା ଶକ୍ତି | ଅତି ମାତ୍ରାରେ ୱେଷ୍ଟିଂ ଯାହା ବାହାରକୁ ଜଣା ପଡୁଛି | ଉଭୟ ପାଦରେ ଇଡ଼ିମା | Severe Pealmav Pallor | ଅଳସୁଆ ନିସ୍ତେଜ ଅଚେତ | କ୍ରମାଗତ ଭାବେ ଚିଡ଼ିଚିଡ଼ା ଏବଂ ହାଲିଆ ଅନୁଭବ | ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବା | ଖୁବ୍ ପତଳା ଝାଡ଼ା (ଡ଼ାଇରିଆ) ଏବଂ ଦଳୀୟ ଅଙ୍ଗ କଣ ଥିବାର ଲକ୍ଷଣ | ଏମ୍.ୟୁ. ଏସି (ଲାଲ୍) | ଓଜନ ଉଚ୍ଚତା ଜେଡ୍ ସ୍କୋର -୩, ୪ କମ୍ (-୩) |
|---|---|---|---|---|---|---|---|---|---|
| | | | | | | | | | |
| | | | | | | | | | |

୧୨. ରେଫରାଲ ତାରିଖ dd/mm/yyyy/

୧୩. କେଉଁଠିକୁ ରେଫର କଲେ - (ଅଙ୍ଗନବାଡ଼ି କେନ୍ଦ୍ର/ଏ.ଏନ୍.ଏମ୍ ଦିଦି/ଏନ.ଆର୍.ସି.ଏମଟିସି

୧୪. ଯଦି ଶିଶୁଟି ଏନ୍ଆରସି /ଏମଟିସିରେ ଭର୍ତ୍ତି ହୋଇଥାଏ ତେବେ-

କ) ଭର୍ତ୍ତି ହେବାର ତାରିଖ

ଖ) ନିର୍ଗମନ ବା ଡିସ୍‌ଚାର୍ଜ ତାରିଖ

ଗ) ଏନ୍.ଆର.ସି ରୁ ଡିସ୍‌ଚାର୍ଜ ହେବାପରେ ୩ ଥର ତାକୁ ଏନଆରସି ତରଫରୁ ଫଲୋଅପ୍ କରାଯାଇଛି କି? (ଠିକ୍ ଚିହ୍ନ ଲଗାନ୍ତୁ)

୧୫. ଯଦି ଭର୍ତ୍ତି ହେବାକୁ କୁହାଯାଇଛି କିନ୍ତୁ ଭର୍ତ୍ତି ହୋଇନାହିଁ ତେବେ ତାର କାରଣ

କ) ଅପେକ୍ଷା କରିଛନ୍ତି

ଖ) ମା-ବାପା ରାଜି ନୁହଁନ୍ତି/ମନା କରିଛନ୍ତି

# ଅତି ମାତ୍ରାରେ ଷ୍ଟ□ ଶିଶୁମାନଙ୍କ ପାଇଁ ନିୟମାବଳୀ

(ଏହି ... ଶିଶୁମାନଙ୍କର ଏକ ତାଲିକା ଏମଆଇଏସ ()ର ତଥ୍ୟକୁ ଭି□କରି ୨ଟି ୬ ମାସରେ କ୍ରେସ୍‌କୁ ପଠାଇ ଦିଆଯିବ)

୧. ଶିଶୁର ନାମ

୨. ଗାଁର ନାମ

୩. ବୟସ (ମାସରେ)

୪. ଲିଙ୍ଗ

୫. ଚିହ୍ନଟ ତାରିଖ

୬. ଓଜନ (କେଜିରେ)

୭. ଉଚ୍ଚତା (ସେ□ମିଟରରେ)

୮. ଏମ୍‌ୟୁଏସି (ସେ□ମିଟରରେ)

୯. କୌଣସି ପୁରୁଣା ବୋର (କ) ହଁ (ଖ) ନାହିଁ ଯଦି ଥାଏ ତେବେ ରୋଗର ପୁରା ବିବରଣୀ

୧୦. ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଠାନ୍ତୁ ଏବଂ ପରୀକ୍ଷା ପରେ ନିମ୍ନଲିଖିତ ତଥ୍ୟ ଲେଖନ୍ତୁ

କ) କେଉଁଠିକୁ ରେଫର ହୋଇଥଲେ

ଖ) କେଉଁ ତାରିଖରେ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରକୁ ଦେଖାଇଥିଲେ ()

ଗ) ସ୍ୱାସ୍ଥ୍ୟ ପରୀକ୍ଷା ବିବରଣୀ ବା ରିପୋର୍ଟ

ଘ) ଯଦି କୌଣସି ସ୍ୱାସ୍ଥ୍ୟ କର୍ମୀ କିମ୍ବା ଡାକ୍ତରଙ୍କୁ ଦେଖାଉ ନାହାନ୍ତି ତେବେ ତାର କାରଣ ଉଲ୍ଲେଖ କରନ୍ତୁ ।

ଯେଉଁ ଶିଶୁମାନେ ଅତି ମାତ୍ରାରେ ଷ୍ଟ□ର ଶିକାର ହୋଇଥିବେ ସେମାନଙ୍କ ଘରକୁ ଏପି.ଏଲ ଏ ଫ୍ୟାସିଲିଟେଟରମାନେ ଯାଇଁ ଗୃହ ଭ୍ରମଣ କରିବେ । ଭ୍ରମଣ ବେଳେ ଗୃହ ଭ୍ରମଣ ସଂକ୍ରାନ୍ତ ନୀତିନିୟମଗୁଡ଼ିକୁ ଭଲଭାବେ ପାଳନ କରିବେ । ଭ୍ରମଣବେଳେ ସମ୍ପୂର୍ଣ୍ଣ ସୂଚନାକୁ ରେକର୍ଡ଼ କରି ପ୍ରତି ପିଲା ପାଇଁ ଉଦ୍ଦିଷ୍ଟ ଫାଇଲ୍‌ରେ ରଖିବେ ।

# ରେଫରାଲା ପାଇଁ ଗାଇଡ୍ ଲାଇନ ବା ନିୟମାବଳୀ (ରେଡ୍ ଫ୍ଲାଗ୍ ଶିଶୁ)

ଯେଉଁପିଲାମାନଙ୍କର ନିମ୍ନ ଲିଖିତ ଲକ୍ଷ୍ୟଣ ଦେଖାଦେବ ସେମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର/ଡାକ୍ତରଙ୍କ ପାଖକୁ ରେଫର କରାଯିବ ବା ପଠାଇ ଦିଆଯିବ ରେଫର କରାଇବାର ସମସ୍ତ ବିବରଣୀ ଏବଂ ରେଫରାଲର ଫଲୋଅପ ବା ପରବ□ୀ ଅନୁଧ୍ୟାନକୁ ସବିଶେଷ ରେଡ଼ଫ୍ଲାଗ୍ ରେଜିଷ୍ଟରରେ ଲେଖିବାକୁ ହେବ ।

ସମସ୍ତ ରେଫରାଲ ସମ୍ପୃକ୍ତ କ୍ରେସ୍ ସଂଯୋଜକ, ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ଏବଂ ପିଏଲଏ ଫ୍ୟାସିଲିଟେଟରଙ୍କ ସହଯୋଗ/ପରାମର୍ଶରେ ହେବା ଉଚିତ୍ ଯଦି କୌଣସି ପରିସ୍ଥିତିରେ ତୁରନ୍ତ ରେଫରାଲ ଆବଶ୍ୟକ ପଡ଼େ ସେପରି ସ୍ଥଳେ କ୍ରେସ୍ କର୍ମୀଜଣଙ୍କ ସମୁଦାୟ/ଗାଁ ବା ପଡ଼ାର ଲୋକମାନଙ୍କ ସହ ପରାମର୍ଶ କରି ରେଫର କରାଇବେ ଏବଂ ଅତି ଶୀଘ୍ର ଉକ୍ତ ରେଫରାଲର ସବିଶେଷ ତଥ୍ୟ ସମ୍ପୃକ୍ତ ବ୍ଲକ ପ୍ରୋଗ୍ରାମ ଅଫିସର ଏବଂ କ୍ରେସ୍ ସଂଯୋଜକଙ୍କୁ ଜଣାଇବେ ।

**ରେଫରାଲ ଲକ୍ଷଣ ସବୁର ବିବରଣୀ :**

- ପ୍ରବଳ ଜ୍ୱର (୩୯ ଡିଗ୍ରୀ ସେଲ୍‌ସିଅସ କିମ୍ବା ୧୦୩ ଡିଗ୍ରୀ ଫାରେନହାଇଟ ତାପମାତ୍ରା ଉପରେ ହୋଇଥିଲେ)
- ଅଧିକ ଦିନ ଧରି ଯେ କୌଣସି ଜ୍ୱର ଲାଗି ରହିବା ବା ୭ ଦିନ ଧରି ଜ୍ୱର ହେଲେ
- ଜ୍ୱର ଏବଂ ଘା ହେବା
- ଜ୍ୱର
- ବେକ, ମୁଣ୍ଡ ଦରଜ ସହ ଜ୍ୱର ହେବା
- ଜ୍ୱର
- ଖୁବ୍ ଜୋରରେ ତଳିପେଟ ଯନ୍ତ୍ରଣା ହେବା
- ଅବିଶ୍ରାନ୍ତ ଭାବେ ବାନ୍ତି ହେବା
- ଡାଇରିଆ (ଦେହରୁ ଜଳୀୟ ଅଂଶ କମିଯିବା), ଆଖିପତା ନିସ୍ତେଜ ଦେଖାଯିବା କୌଣସି ଜିନିଷ ନ ପିଇବା
- ଯେ କୌଣସି ଜାଗାରୁ ରକ୍ତସ୍ରାବ ଜନିତ ନୁହେଁ (କଫ, ବାନ୍ତି, ପରିଶ୍ରା, ମଳ, ମାଢ଼ି ପ୍ରଭୃତିରୁ ରକ୍ତସ୍ରାବ ବା ରକ୍ତ ପଡ଼ିବା)
- ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବା ବା
- ଅଚେତ କିମ୍ବା ଅବଚେତନ ଅବସ୍ଥାରେ ରହିବା
- ଫିଟର
- ଯେ କୌଣସି ଅସ୍ୱଭାବିକ ବ୍ୟବହାର
- ଯଦି ଶିଶୁଟିର ବୃଦ୍ଧିରେ ଉତ୍ଥାନ ପ□ନ ଲାଗିରହେ ବା ୬ ମାସରୁ କମ୍ ବୟସର କୌଣସି ଶିଶୁମାନଙ୍କର ବୃଦ୍ଧି (ଗ୍ରୋଥ୍)ର

ଯେ କୌଣସି ଗୋଟିଏ ପରିମାଣ ବା ... (ଇଣ୍ଡିକେଟର)ରେ ୧ ମାସ ଭିତରେ କୌଣସି ଛବି ବା ବିଚ୍ୟୁତି ଲକ୍ଷ୍ୟ କରାଯାଏ ସେଭଳି ପରିସ୍ଥିତିରେ କ୍ରେସ ୱାର୍କର ଜଣଙ୍କ ନିଜ ବ୍ଲକର କ୍ରେସ୍ ସଂଯୋଜକ କିମ୍ବା ବ୍ଲକ ପ୍ରୋଗ୍ରାମ ଅଫିସରଙ୍କ ସହାୟତା ଓ ପରାମର୍ଶରେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ର ବା ଏନଆରସି/ଏମ୍‌ବିସିକୁ ରେଫର କରାଇପାରିବେ ।

ପ୍ରତି ମାସରେ ହେଉଥିବା ବୃଦ୍ଧି ମାପରେ ଯଦି ଶିଶୁଟି କୌଣସି ପ୍ରକାରର ଅତ୍ୟନ୍ତ କୁପୋଷିତ ବର୍ଗରେ ଆସୁଥାଏ ତେବେ ସେହି ଶିଶୁଙ୍କୁ ତୁରନ୍ତ ରେଫର କରାଯିବ ।

- ଯଦି ଶିଶୁଟି ଶାରୀରିକ ଭାବେ ବିକଳାଙ୍ଗ ହୋଇପଡ଼େ
- ଯଦି କ୍ରେସ୍ କର୍ମୀ ଅନୁଭବ କରନ୍ତି ଯେ ଗୋଟିଏ ଶିଶୁ କେତେକ ନିର୍ଦ୍ଦିଷ୍ଟ କାରଣ ସକାସେ ବା ଲକ୍ଷଣ ପ୍ରକାଶ ପାଇବା ହେତୁ ରେଫର ହେବା ଆବଶ୍ୟକ ।

**୨. କୌଣସି ଆପାତଃ କାଳୀନ ପରିସ୍ଥିତିରେ :**

ବ୍ଲକ ପ୍ରୋଜେକ୍ଟ ଅଫିସର/କ୍ରେସ୍ ସଂଯୋଜକ/ପିଏଲଏ ଫ୍ୟାସିଲିଟେଟରଙ୍କୁ ତୁରନ୍ତ ଜଣାନ୍ତୁ

ଏପରି କ୍ଷେତ୍ରରେ ରେଫରାଲ ସାକାସେ ତୁରନ୍ତ ପରିବହନର ବ୍ୟବସ୍ଥା ହେବା ଉଚିତ୍ ଏଥିପାଇଁ ଗୋଷ୍ଠୀ ସ୍ତରରେ ଚେଷ୍ଟା ହେବା ଉଚିତ (ପ□ାୟତ, ୧୦୮, ୧୦୨ ଜେଏସଏସକେ .... ସହାୟତା ନିଆଯିବା ଦରକାର)

ଗାଁ ଗହଳି ମାନଙ୍କରେ ଯେଉଁ ଲୋକମାନେ ଜରୁରୀ କାଳୀନ ସମୟରେ ସେମାନଙ୍କର ଗାଡି କିଣା ଯାନବାହନକୁ ସାହାଯ୍ୟ ପାଇଁ ଦେଇପାରିବେ ସେମାନଙ୍କର ଯୋଗାଯୋଗ ପାଇଁ ସେମାନଙ୍କର ଫୋନ୍ ନମ୍ବର ପ୍ରଭୃତି କ୍ରେସ୍ ସଂଯୋଜକ ରଖିବା ଆବଶ୍ୟକ ।

୩. ସ୍ୱାସ୍ଥ୍ୟକେନ୍ଦ୍ର ବା ଏନଆରସିକୁ ଡିସଚାର୍ଜ ହେବାପରେ : ଡିସଚାର୍ଜପରେ କ୍ରେସ୍ କର୍ମୀ କ୍ରେସ୍ ସ୍ତରରେ ଓ ପିଏଲଏ ଫ୍ୟାସିଲିଟେଟର ଗୃହ ପରିଦର୍ଶନ ମଧ୍ୟରେ ଶିଶୁଟିର ଫଲୋଅପ କରିବା ଉଚିତ୍ ।

୪. ରେଫରାଲର ଫଳାଫଳ ବିବରଣୀ ରହିବା ଦରକାର (ଯଥା ଅଭିବୃଦ୍ଧି ହେଲା କି ନାହିଁ, ଚିକିତ୍ସା ପ୍ରକ୍ରିୟା ଜାରି ରହିଛି କି ? ଅର୍ଥାତ ... ହୋଇଛି କି ଇତ୍ୟାଦି ।

# ରେଡ଼୍ ଫ୍ଲାଗ୍ ରେଜିଷ୍ଟର

ଏହି ରେଜିଷ୍ଟରକୁ କ୍ରେସ୍ କର୍ମୀ କିମ୍ବା କ୍ରେସ୍ ସଂଯୋଜକ ପୂରଣ କରିବେ । ଯେଉଁ ଜିଲ୍ଲାମାନଙ୍କର ନାମ ଅସୁସ୍ଥତା, ବୃଦ୍ଧିରେ ତାରତମ୍ୟ, ଅତ୍ୟନ୍ତ କୁପୋଷିତ ଏବଂ ସାମ୍ ପ୍ରଭୃତି କାରଣରୁ ରେଡ୍‌ଫ୍ଲାଗ ଲିଷ୍ଟ ବା ତାଲିକାରେ ଉଲ୍ଲେଖ କରାଯାଇଛି ସେମାନଙ୍କ ବିଷୟରେ ଏହି ରେଜିଷ୍ଟରରେ ସମ୍ପୃକ୍ତ ବିବରଣୀ ରହିବ ।

୧. ଗ୍ରାମର ନାମ :

୨. ଶିଶୁର ନାମ :

୩. ବୟସ : (ମାସରେ)

୪. ଲିଙ୍ଗ :

୫. କେଉଁ ପ୍ରକାରର ସମସ୍ୟା

୬. ଶିଶୁଟିକୁ କେଉଁ ମାସରେ ଚିହ୍ନଟ କରାଗଲା : ()

୭. ଶିଶୁଟିକୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରାଯାଇଥିଲା କି ? (କ) ହଁ (ଖ) ନାହିଁ

୮. ଶିଶୁଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲା କି ? (କ) ହଁ (ଖ) ନାହିଁ

୯. ଶିଶୁଟି ଏନଆରସି/ଏମଟିସିରେ ଆଡ୍‌ମିସନ ହୋଇଥିଲା କି ? (କ) ହିଁ (ଖ) ନାହିଁ

୧୦. ଶିଶୁଟି ଏନଆରସିରେ କେତେ ଦିନ ରହିଥିଲା ?

୧୧. ଫଳାଫଳ (ଶିଶୁଟି ଠିକ୍ ହେଲା/ଚିକିତ୍ସାଧୀନ/ଅନ୍ୟାନ୍ୟ

୧୨. ଶିଶୁଟିକୁ କ୍ରେସ୍‌ରେ ସ୍ୱତନ୍ତ୍ର ପୃଷ୍ଟି ମୁକ୍ତ ଯତ୍ନ ପ୍ରତି ଧ୍ୟାନ ଦିଆଯାଇଥିଲା କି ? ହଁ / ନାହିଁ

୧୩. ଚଳିତ ମାସରେ ଶିଶୁଟିକୁ କ୍ରେସ୍‌ରେ କେତେଦିନ ଧରି ସ୍ୱତନ୍ତ୍ର ପୃଷ୍ଟି ଓ ଯତ୍ନରେ ଥିଲା

୧୪. ଶିଶୁଟିର ମା'କୁ ଆମ୍ ପ୍ରକଳ୍ପ ତରଫରୁ କେହି କିଛି ପରାମର୍ଶ ଦେଇଥିଲେ କି ?

୧୫. କ୍ରେସ୍‌ରେ ଯଦି କୌଣସି ଶିଶୁର ମୃତ୍ୟୁ ହୋଇଛି ତେବେ ସେ ମୃତ୍ୟୁ ପାଇଁ କିଛି ଭର୍ବାଲ ଅଟୋଣ୍ଡି (ସାମାଜିକ ସମୀକ୍ଷା) ହୋଇଛି କି ?

(ଭର୍ବାଲ୍ ଅଟୋସ୍ପିର ଅର୍ଥ ହେଉଛି ଯେ ଆମ ପ୍ରକଳ୍ପର କୌଣସି ବିଶେଷଜ୍ଞ ବା କୌଣସି ଡାକ୍ତରଙ୍କ ସହାୟତାରେ ମୃତ ଶିଶୁର ପରିବାରର ସଦସ୍ୟ/ସଦସ୍ୟା ଏବଂ ପଡ଼ୋଶୀ କିମ୍ବା ଯତ୍ନ ନେଉଥିବା ବ୍ୟକ୍ତି ବିଶେଷଙ୍କ ସହ ଅଥବା ଗାଁର କିଛି ... ବ୍ୟକ୍ତିଙ୍କ ସହ ଶିଶୁଟିର ମୃତର ପ୍ରକୃତ କାରଣ କଣ ହୋଇଥାଇପାରେ ତାକୁ ବାହାର କରିବା)

୧୬. ଆମ ପ୍ରକଳ୍ପରେ ଥିବା ସିଷ୍ଟମ ... ଦଳ ତରଫରୁ କୌଣସି ପ୍ରକାରର ପଦକ୍ଷେପ ନିଆଯାଇଛି କି ? (ଯଥା : ଏପିଏଲ୍, ବିପିଏଲ ରାସନକାର୍ଡ ଇତ୍ୟାଦି କରାଇବାରେ କିମ୍ବା ଏନ୍‌ଆରସିରେ ଭ☐ କରିବାରେ, ନରେଗା ଜବକାର୍ଡ କରାଇ ଦେବାରେ କାବ କାମ ଦେବାରେ ଅଥବା ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରିବାରେ)

# ଗୃହ ଭ୍ରମଣ ପାଇଁ ଗାଇଡ୍ ଲାଇନ୍

କ୍ରେସର ପିଲାମାନଙ୍କର ନିମ୍ନଲିଖିତ ପରିସ୍ଥିତିରେ ପିଏଲଏ ଫାସିଲିଟେଟରମାନେ ଗୃହ ଭ୍ରମଣକୁ ନିଶ୍ଚିତ କରିବେ

୧. କ୍ରମାଗତ ଦୁଇ ମାସ କିମ୍ବା ତଦୁର୍ଦ୍ଧ ସମୟ ଧରି ଶିଶୁଟିର ଗ୍ରୋଥଫଲଟରିଂ ହେଉଥିଲେ

୨. ଅତି କୁପୋଷିତ ଶିଶୁ (କମ ଓଜନ)

ଗୃହ ଭ୍ରମଣ ସମୟରେ ଜଣେ ପିଏଲଏ ଫ୍ୟାସିଲିଟେଟର ସଂପୃକ୍ତ ପରିବାରର ସାମଗ୍ରିକ ଖାଦ୍ୟ ଓ ଜୀବିକା ଅର୍ଜନ ବିଷୟରେ ଅନୁଧାନ କରିବା ସହ ଶିଶୁଟିର ଯତ୍ନ କିଭଳି ନିଆଯାଇଛି ସେ ବିଷୟରେ ବୁଝିବେ ଏବସ୍ତୁ ବୁଝି ସାରିବା ପରେ ତାକୁ ଭି□ କରି ତାର ଫଲୋଅପ ନେବେ ଏବଂ ପରାମର୍ଶ ମଧ୍ୟ ଦେବେ । ଏସବୁକୁ ନିମ୍ନମତେ କରାଯାଇ ପାରିବ–

**(୧) ପରିବାରର ଖାଦ୍ୟ : ଖାଇବା ପିଇବାର ସ୍ଥିତିର ରିପୋର୍ଟ –**

ରୋଜଗାର ହରାଇଥିଲେ ବା ନଥିଲେ ଖାଦ୍ୟ ଅଭାବ ହୋଇଥାଏ ଫଳରେ ଯେତିକି ଖାଦ୍ୟ ଗୋଟିଏ ଥର ଖାଇବା କଥା ସେତିକି ମିଳିନଥାଏ । ଆଉ ଗୋଟିଏ କଥା ହେଲା ଖାଦ୍ୟର କେଉଁ ଭାଗଟି କମି କମି ଯାଉଛି ଯଥା : ଖାଦ୍ୟଶଶ୍ୟ, ଭାତ ରୁଟି ଇତ୍ୟାଦି/ଡାଲି ଜାତୀୟ/ପନିପରିବା କ୍ଷୀର, ମାଛ, ମାଂସ, ତେଲ ପ୍ରଭୃତି । ପରିବାରରେ କୌଣସି ରୋଗ ବେମାର ଦେଖା ଦେଇଛି କି ? ନିକଟ ଅତୀତରେ ପରିବାରର କେହି ରୋଜଗାର ପାଇଁ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଛନ୍ତି କି ? ନିକଟରେ ପରିବାରର କେହି ସଦସ୍ୟଙ୍କର ମୃତ୍ୟୁ ହୋଇଛି କି ? କୌଣସି ଗାଈଗୋରୁ, ଛେଳିମେଣ୍ଢା, ପ୍ରଭୃତି ମୃତ୍ୟୁମୁଖରେ ପଡିଛନ୍ତି କି ? ସରାକରୀ ଖାଉଟି ଦୋକାନରୁ ନିୟମିତ ରାସନ ନେଉଛନ୍ତି କି ? ପରିବାର ତରଫରୁ କିଛି ଋଣ କରାଯାଇଛି କି ? କୌଣସି ପ୍ରକାରର ଅସୁବିଧା ହେତୁ ଘରର ଗାଈ ବଳଦ, ସୁନାଗହଣା, ହଳଲଙ୍ଗଳ, ଶଗଡ଼ ଓ ଅନ୍ୟାନ୍ୟ ସମ୍ପ□ ବିକ୍ରି କରାଯାଇଛି କି ? (ବାହାଘର, ସୁଧଘର, ପୁଆଣୀ ଦେବା) ବିଗତ ୩ ମାସ ଭିତରେ କେହି ନରେଗା କାମ କରିଛନ୍ତି କି ? କେତେ ଦିନ କାମ କରିଛନ୍ତି ଏବଂ ସେଥିପାଇଁ ଉପଯୁକ୍ତ ମଜୁରୀ ସବୁ ପାଇସାରିଛନ୍ତି ନା କିଛି ବାକି ଅଛି ଏଭଳି କିଛି ଉଦାହରଣ ଅଛି କି ଯେତେବେଳେ ପରିବାରଟି ପାଖପଡ଼ୋଶୀ କିମ୍ବା ବନ୍ଧୁବାନ୍ଧବଙ୍କଠାରୁ ଧାର ଉଦ୍ଧାର ଆଣିଛନ୍ତି କି ଖାଦ୍ୟ ପଦାର୍ଥ ମାଗିଛନ୍ତି ? ପରିବାରର ଅନ୍ୟ ପିଲାମାନଙ୍କର ଅବସ୍ଥା କେମିତି ଅଛି ଇତ୍ୟାଦି ।

**(୨) ଖାଦ୍ୟ ବିଷୟରେ ରିପୋର୍ଟ :**

ପରିବାରରେ ସାଧାରଣତଃ ଦିନକୁ କେତେଥର ଖିଆଯାଇଛି ? ଏହା ବର୍ଷ ତମାମ ଏକ ପ୍ରକାରର ଅଛି ନା ମାସ, ଋତୁ ଅନୁସାରେ ଅଲଗା ଅଲଗା ଭାବେ ବଦଳୁଛି ? ଆପାତତଃ ସକାଳ, ଦ୍ୱିପ୍ରହର ସନ୍ଧ୍ୟାବେଳେ ଓ ରାତିରେ କଣ କଣ ଖାଉଛନ୍ତି ଓ କେତେ ପରିମାଣର ଖାଉଛନ୍ତି (ପରିବାର) ଘରର ପରିବାର ସଦସ୍ୟ କେହି ସାଧାରଣ ଖାଦ୍ୟ ବ୍ୟତୀତ କିଛି ଅସ୍ୱାଭାବିକ ଜିନିଷ ଯଥା ପତ୍ର, ମୂଳ, ଚେର ଇତ୍ୟାଦି ଖାଉଛନ୍ତି କି ?

**(୩) ଶିଶୁକୁ ଖୁଆଇବା ସମ୍ପର୍କିତ :**

ଶିଶୁଟିକୁ କିଏ ଖୁଆଉଛନ୍ତି ? କେତେଥର ଖୁଆଉଛନ୍ତି ? ଶିଶୁଟି ଖାଇବାକୁ ମାଗିବା/ରହିଁବା ମାତ୍ରେ ଦିଆଯାଉଛି କି ? ଶିଶୁଟି ସକାଳେ, ଓପରବେଳା, ଦ୍ୱିପ୍ରହରେ ସନ୍ଧ୍ୟା ଓ ରାତିରେ କଣ କଣ ଏବଂ କେତେ ପରିମାଣର ଖାଉଛି । ଶିଶୁଟିକୁ ସ୍ତନ୍ୟପାନ କରାଯାଇଛି କି ? କେତେ ଦିନ ଧରି ଖୁଆଯାଇଛି ଏବଂ ପୁରା ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ (ଅନ୍ୟ

କୌଣସି ଜିନିଷ ନୁହେଁ) କରାଯାଇଛି କି? ପିଲାଟି ଦିନକୁ କେତେଥର ଖାଉଛି ଯାହା ଖାଉଛି ସେଥିରେ ତାର ପେଟ ପୁରୁଛି କି ନାହିଁ । ଶିଶୁଟିକୁ କିଛି ଅସ୍ୱାଭାବିକ ଜିନିଷ ଯଥା ଚେର, ମୂଳ, ପତ୍ର ଜନିତ ଖାଦ୍ୟ ଖାଇବାକୁ ଦିଆଯାଉଛି କି?

**(୪) ସ୍ୱାସ୍ଥ୍ୟ ରକ୍ଷା/ପରମଳ ଓ ହାତ ଧୋଇବା ସମ୍ପର୍କିତ :**

ଶିଶୁଟିର ପରିବେଶ ସଫାସୁତୁରା ଅଛି କି ନାହିଁ? ଘର ଚାରିପଟେ କୌଣସି ପାଣି/ନର୍ଦ୍ଦମା ପାଣି ଜମା ହୋଇ ରହିଛି କି? ଶିଶୁର ଯତ୍ନନେଇଥିବା ବ୍ୟକ୍ତି ତାକୁ ଖାଇବାକୁ ଦେବା ପୂର୍ବରୁ ଏବଂ ରୋଷେଇ କରିବା ପୂର୍ବରୁ ହାତକୁ ଭଲଭାବେ ପରିଷ୍କାର କରି ଧୋଉଛନ୍ତି କି ନାହିଁ ଏଥିପାଇଁ ସବୁବେଳେ ସାବୁନ ବ୍ୟବହାର କରୁଛନ୍ତି କି? ନିଶା ଏବଂ ଘରୋଇ ହିଂସା ସମ୍ପର୍କିତ :

**(୫) ନିଶା ଏବଂ ସାମାଜିକ ହିଂସା ସମ୍ପର୍କିତ ରିପୋର୍ଟ**

**(୬) ପିଏଲଏ ଫ୍ୟାସିଲେଟଟରଙ୍କ କ୍ରେସ୍ ସଂଯୋଜକଙ୍କର ପରିସ୍ଥିତି ବିଷୟରେ ସମ୍ପୂର୍ଣ୍ଣ ଆକଳନ ଏବଂ କେଉଁ ପ୍ରକାରର ପଦକ୍ଷେପ ନିଆଯାଇଛି ସେ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ**

ଏହି ବିବରଣୀରେ ରାସନ କାର୍ଡ, ନରେଗା, ଏନଆରସି, ପ□ାୟତ / ଗ୍ରାମସ୍ୱାସ୍ଥ୍ୟ ଓ ପୃଷ୍ଟି କମିଟିର ଭୂମିକା ବା ସମ୍ପୃକ୍ତି ଇତ୍ୟାଦି ସ୍ଥାନ ପାଇବା ଉଚିତ୍ ।

# Annexure I: Growth Faltering

After plotting weight on the growth chart, if the growth curve seems to be shifting downwards or becoming flat, then the child's growth is faltering. To identify this in the crèche, carefully look at the growth chart and see if there is a change in the shape of the line in relation to the z-score lines given in the chart.



# Annexure II: Severely Underweight

After plotting on growth chart, if the child's weight reflects in yellow colour (i.e. <-2 z score) the child is considered underweight and if it reflects in red colour (i.e. < -3 z score), the child is considered to be severely underweight.

If the child is **SEVERELY UNDERWEIGHT i.e. in red (<-3 z score) but active and eating**

- Refer the child at AWC → Ensure double ration from ICDS
- Put the child on special nutrition care (add extra oil) at crèche and weekly weigh and take MUAC measurement till the child is out of severely underweight category
- Fill severely malnourished protocol
- PLA facilitator will go for home visit (refer Home Visit Guidelines and maintain record)

If he child is found severely underweight i.e. **in red (<-3 Z score) but not eating properly, lethargic, and ill** (see symptoms listed in the table below)

- Refer the child to MTC/NRC
  If admitted, follow up after discharge
  Put the child on special nutrition care at crèche and weekly weigh till the child recovers i.e. out of severely underweight categories

| Severely underweight: Refer if the child shows following Symptoms | | | | |
|---|---|---|---|---|
| 1 | 2 | 3 | 4 | 5 |
| Lack of appetite | Visible severe wasting | Oedema | Severe Palmar pallor | Lethargy, drowsiness, unconscious |
| 6 | 7 | 8 | 9 | |
| Continually irritable & restless | Any respiratory disease | Signs of severe dehydration in a child with diarrhea | Signs of severe dehydration in a child with diarrhea | |

# Annexure III: Severe Wasting

If the child height for weight z-score is less than -3, s/he will be considered as severely wasted. As we are measuring height at entry point and then six monthly, a list severely wasted children for new admission will be provided monthly and for rest of the children six monthly by PMU to block team for necessary action.

At entry point child's MUAC will be measured and if the measurement is <11.5 cm, the child will be considered SAM



# Annexure IV: Severe Stunting

If the child's height for age z score is less than -3, s/he will be considered as severely stunted. As we are measuring height at entry point and six monthly (May and November), a list of severely stunted children will be provided six monthly by PMU to block team for necessary action.

